# ଜମି ଖୋଜିପାଉନି ଭିଜିଲାନ୍ସ

**ରାୟଗଡ଼ା,୪।୩(ଆଶିଷ ରଞ୍ଜନ ପଣ୍ଡା)**

## କଫି ଚାଷ ନାଁରେ ବ୍ୟାପକ ଦୁର୍ନୀତି

ରାୟଗଡ଼ା ଜିଲା ଜଳଛାୟା ମିଶନରେ ବଡଧରଣର ଦୁର୍ନୀତିର ତଦନ୍ତ କରୁଛି ଭିଜିଲାନ୍ସ। ମୁଖ୍ୟତଃ କଫି ଚାଷ ଏବଂ ପୋଖରୀ ନାମରେ ବହୁ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡିଛି। କିଛି କାମ ନ କରି ମିଥ୍ୟା ବିଲ୍ ଜରିଆରେ ଅନୁଦାନ ହଡପ୍ ହୋଇଛି। କେବଳ ଯଦି କଫି ଚାଷକୁ ଧରାଯାଏ ତେବେ ଖୋଜିଲେ ତାହା ଦିଶୁନାହିଁ। କିନ୍ତୁ କାଗଜ କଲମରେ କଫି ଚାଷ କାଶୀପୁରରେ ହୋଇଛି। ଗତ ଦୁଇ ଦିନ ହେବ ଭିଜିଲାନ୍ସ ଟିମ୍ କଫି ଚାଷ ହୋଇଥିବା ଜମି ଖୋଜୁଛି । ହେଲେ କାଶୀପୁର ବ୍ଲକର ଅନେକ ସ୍ଥାନରେ ଖୋଜିଲେ ମିଳୁନି ଜମି। ଭିଜିଲାନ୍ସ ଅଧିକାରୀମାନେ ଚାଷ ଜମି ଖୋଜି ନୟାନ୍ତ ହୋଇଗଲେଣି। ଶେଷରେ ରାୟଗଡା ଜଳଛାୟା ମିଶନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ତନାଘନା କରିଛନ୍ତି। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ରେ ଡିଏସ୍‌ପି ପ୍ରଦୀପ କୁମାର ଆଇଣ୍ଡ, ଇନ୍ସପେକ୍ଟର ତରୁଲତା ବେହେରା ଓ ଆଲୋକ କୁମାର ମହାପାତ୍ର ପ୍ରମୁଖ ରହିଛନ୍ତି। ଗୋଟିଏ ଟିମ୍ ମଙ୍ଗଳବାର ରାୟଗଡାରେ ନଥିପତ୍ର ଯାଞ୍ଚ କରିଥିବା ବେଳେ ଆଉ ଗୋଟିଏ ଟିମ୍ କାଶୀପୁର ବ୍ଲକର ବିଭିନ୍ନ କ୍ଷେତ୍ରକୁ ଯାଇ କଫି ବଗିଚା ଖୋଜିଥିଲେ। କିନ୍ତୁ ସିଂହଭାଗ ସ୍ଥାନରେ ବଗିଚା ମିଳି ନ ଥିଲା। ଏଭଳିକି ଯେଉଁ ହିତାଧିକାରୀଙ୍କ ନାମ ଉଲ୍ଲେଖ ରହିଛି ସରକାରୀ ଦସ୍ତାବିଜରେ ସେହିଭଳି ବ୍ୟକ୍ତି ନ ଥିବା କିମ୍ବା ଚାଷ କରି ନ ଥିବା ଭିଜିଲାନ୍ସ ଅଧିକାରୀ ଜାଣିବାକୁ ପାଇଛନ୍ତି।

ସୂଚନା ପ୍ରକାରେ କଫି ଚାଷ ପୂର୍ବରୁ ଜମିରେ ସିଲଭର-ଓକ୍ ଗଛ ଲଗାଯାଇଥାଏ। ଏହା ଲଗାଇ ଯତ୍ନ ନେବାପରେ କଫି ଚାରା ରୋପଣ ହୋଇଥାଏ। ତେବେ ରାୟଗଡା ଜିଲାରେ କଫି ଚାଷର ଏକ୍ରୁଡିଶାଳ କାଶୀପୁର ବ୍ଲକରେ ଏହି ଚାଷ ନାମରେ ଜଳଛାୟା ମିଶନ୍ ଅଧିକାରୀମାନେ ଟଙ୍କା ହଡପ୍ କରିଛନ୍ତି। କାଶୀପୁର ବ୍ଲକରେ ୨୦୨୨-୨୩ ବର୍ଷରେ ୧୧୫ ହେକ୍ଟର, ୨୦୨୩-୨୪ରେ ୧୦୬୮ ହେକ୍ଟର ଓ ୨୦୨୪-୨୫ରେ ୩ ହଜାର ହେକ୍ଟର ଚାଷ ହୋଇଥିବା ଦର୍ଶାଯାଇଛି। ଏହି ଚାଷ ପାଇଁ ମାଗଣା ଚାରା ସହିତ ହେକ୍ଟର ପିଛା ୬୪ ହଜାର ଟଙ୍କା ଚାଷୀଙ୍କ ପାଇଁ ଯୋଗାଇଛନ୍ତି ସରକାର। ତେବେ ନକଲି ଜମି ଓ ଚାଷୀଙ୍କ ସହିତ ନକଲି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସମସ୍ତ ଅର୍ଥ ହଡପ ହୋଇଥିବା ପ୍ରମାଣ ଭିଜିଲାନ୍ସ ହାତରେ ଲାଗିଛି। ଏହି ସମସ୍ତ ଜମି ଓ ଚାଷୀଙ୍କ ତାଲିକା ହସ୍ତଗତ ହେବାପରେ ତଦନ୍ତ ଆଗକୁ ବଢାଇଛି ଭିଜିଲାନ୍ସ। ଜଳଛାୟା ମିଶନ ବିଭାଗର କ୍ଷେତ୍ରୀୟ କର୍ମଚାରୀଙ୍କୁ ସାଥିରେ ନେଇ ତଦନ୍ତ କରୁଛନ୍ତି। ତେବେ କ୍ଷେତ୍ରୀୟ କର୍ମଚାରୀ ହିଁ ଜମି ଚିହ୍ନଟ କରାଇ ପାରିନାହାନ୍ତି। କାଶୀପୁର ବ୍ଲକର ୨୪ ପଞ୍ଚାୟତରେ କଫି ଚାଷ ହୋଇଥିବା ଦର୍ଶାଯାଇଛି। ତେବେ ସର୍ବାଧିକ ଚାଷ ସୁଙ୍ଗେର, ତଳଝିରି, ମୁନୁଷଗାଁ, ମାଇକଞ୍ଚ, ଡଙ୍ଗାସିଲ, ଅଡାଝୋର, କୋଡିପାରି, ଗୋରଖପୁର, ଚନ୍ଦ୍ରଗିରି ଓ ସିନ୍ଦୁରଘାଟି ପଞ୍ଚାୟତରେ ହୋଇଥିବା ସରକାରୀ ନଥିରେ ରେକର୍ଡ ରହିଛି। ତେବେ ହଜାର ହଜାର ଏକର ଜମି ଚାଷ ଦର୍ଶାଇଥିଲେ ମଧ୍ୟ ଶହେ ଏକର ଚାଷ ଜମି ବି ଖୋଜିଲେ ମିଳୁନାହିଁ। ଯାହାର ଚିତ୍ର ନଜରକୁ ଆସିଥିଲା ତଳଝିରି ପଞ୍ଚାୟତରେ।

ଏହି ପଞ୍ଚାୟତରେ ୨୧୩୯.୨୧୫ ଏକର ଜମି ଚାଷ ହୋଇଥିଲେ ହେଁ ସର୍ବାଧିକ ଚାଷ ଦର୍ଶାଯାଇଥିବା ମହାଜାଲ, ସିପିଝର, ରାଣୀଝିରି ଗାଁରେ ନାମକୁମାତ୍ର କିଛି ଜମି ଦୃଶ୍ୟମାନ ହେଉଛି। ସେହି ସମାନ ସ୍ଥିତି ଗୋରଖପୁର ପଞ୍ଚାୟତ ଚାରଯୋଡି ଓ ଡିବିରିଗୁଡା, ସିନ୍ଦୁରଘାଟି ପଞ୍ଚାୟତ ଡେରାକଣା, ପୁଡୁଗସିଲ, ସିଆଡିମାଳ, ମୁନୁଷଗାଁ ପଞ୍ଚାୟତ ରୟାଲପେଟା ଗ୍ରାମରେ ଦୃଷ୍ଟିକୁ ଆସିଛି। ଏହିସବୁ ଗ୍ରାମର ବାସଗୃହକୁ ମଧ୍ୟ କଫି ଓ ସିଲଭର-ଓକ୍ ଚାଷ ଦର୍ଶାଯାଇଛି। ଗତ ତିନି ଆର୍ଥିକ ବର୍ଷରେ କେବଳ କଫି ଓ ସିଲଭର-ଓକ୍ ୨୬ କୋଟି ୭୭ ଲକ୍ଷ ୧୨ ହଜାର ଟଙ୍କା ଅନୁଦାନ ରାୟଗଡା ଜଳଛାୟା ମିଶନକୁ ପ୍ରଦାନ ହୋଇଛି। ସେଥିରୁ ପ୍ରାୟ ୧୮ କୋଟି ଟଙ୍କା ହଡପ ହୋଇଥିବା ଭିଜିଲାନ୍ସ ତାହାର ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ହେବା ପରେ ଅନେକ ତଥ୍ୟ ଜଣାପଡିବା ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ କହିଛନ୍ତି। ଏଣେ ତତ୍କାଳୀନ ଉପନିର୍ଦ୍ଦେଶକ ବଦଳି ହୋଇ ଯାଇଥିବା ବେଳେ ସହକାରୀ ନିର୍ଦ୍ଦେଶକ ରାଜେନ୍ଦ୍ର ନାୟକ କହିଛନ୍ତି, ମୁଁ ଭିଜିଲାନ୍ସ ଟିମ୍ ସହିତ କ୍ଷେତ୍ରକୁ ଯାଉଛି ଓ ତଦନ୍ତରେ ସହଯୋଗ କରୁଛି।

# ଆମ ପୋଲିସର ଜନ ସମ୍ପର୍କ ସମାବେଶ



କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ ଓ ଅନ୍ୟମାନେ।

**ରାମନାଗୁଡ଼ା,୪।୩(ସଞ୍ଜୟ ପ୍ରଧାନ)**

ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିବା ନେଇ ରାମନାଗୁଡା ଥାନା ପକ୍ଷରୁ ମଙ୍ଗଳବାର ଜନ ସମ୍ପର୍କ ସମାବେଶ କରାଯାଇଛି। ଏଥିରେ ଥାନା ଅଧିକାରୀ ସୁନିତା ବେହେରା ପୋଲିସର କାର୍ଯ୍ୟ ଓ ଜନସାଧାରଣ କ'ଣ ସୁବିଧା ପାଇପାରିବେ ସେ ନେଇ ବୁଝାଇଥିଲେ। ସେକେଣ୍ଡ ଅଫିସର ବାବୁଲା ପ୍ରଧାନ, ଏସ୍‌ଆଇ ଜଗନ୍ନାଥ ବେହେରା, ଏସ୍‌ଆଇ ଠାକୁର ଦାସ ଟୁଡୁ, ଏସ୍‌ଆଇ ପୃଥିବୀରାଜ କହଁର ଏବଂ ରାମନାଗୁଡା ବ୍ଲକ୍‌ର ପ୍ରାୟ ୧୦୦ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତ ଜନସାଧାରଣଙ୍କୁ ପୋଲିସ ପକ୍ଷରୁ ସୁବିଧା ମିଳିପାରିବା ନେଇ ଆଲୋଚନା ହୋଇଥିଲା।

# ପୃଥକ୍ ଦୁର୍ଘଟଣାରେ ୨ ମୃତ

**ମୁନିଗୁଡ଼ା/ ଗୁଡାରି,୪।୩ (ନନ୍ଦ କିଶୋର ପଟ୍ଟନାୟକ/ ପ୍ରମୋଦ କୁମାର ପତି)**

ରାୟଗଡା ଜିଲା ମୁନିଗୁଡା ରେଳ ଷ୍ଟେସନ ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଗୋଟିଏ ବଲକର୍ ଟ୍ରକ ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଡୁରୁକିଲିମା ଗ୍ରାମର ରାଜୁ ମେଲସା। ଘଟଣାରୁ ପ୍ରକାଶ ଯେ କୌଣସି କାମରେ ଡୁରୁକିଲିମା ଗ୍ରାମରୁ ୨ ଜଣ ଯୁବକ ଏକ ବାଇକରେ ମୁନିଗୁଡାକୁ ଆସିଥିଲେ। ରେଳ ଷ୍ଟେସନ ଛକ ନିକଟରେ ବଲକର୍‌ଟି ବାଇକକୁ ଧକ୍କା ଦେଇ ଚାଲି ଯାଇଥିଲା। ଦୁର୍ଘଟଣା ପରେ ବାଇକ ଆରୋହୀ ତଳେ ପଡି ଯାଇଥିବା ବେଳେ ବାଇକରେ ବସିଥିବା ରାଜୁ ଛିଟିକି ପଡ଼ିଥିଲେ। ଏଥିରେ ତାଙ୍କୁ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

ଅଜଣା ଗାଡି ଧକ୍କାରେ ଜଣେ ମୃତ ଗୁଡାରୀ ବ୍ଲକ ଅଧୀନ ପେଣ୍ଡିଲି ପଞ୍ଚାୟତ ସୌରାଗୁଡ଼ା-କାତିଗୁଡ଼ା ରାସ୍ତାରେ ସୋମବାର ରାତିରେ ଅଜଣା ଗାଡି ଧକାରେ କାତିଗୁଡା ଗ୍ରାମର ଦେବେନ୍ଦ୍ର ହିକାବାଡି (୩୫)ଙ୍କ ମୃତ୍ୟୁ ଘଟିଛି। ଖବରପାଇ ଗୁଡାରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଏମ୍‌ପିଙ୍କ ପ୍ରତିନିଧି ପି. ବାବୁରାଓ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଇବାରେ ବି. ବାବୁରାଓ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଗୁଡାରି ଥାନା କେଶ ନମ୍ବର ୨୮/୨୫ରେ ମାମଲା ରୁଜୁ ହୋଇଛି। ଇନ୍ସପେକ୍ଟର ରାଜେଶ୍ୱର ଶବର ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ପ୍ରଚାର ପ୍ରସାର ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ସିଆରସିସି ଓ ଅନ୍ୟମାନେ।

**ଗୁଡାରି,୪।୩(ପ୍ରମୋଦ କୁମାର ପତି)**

## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା

ଗୁଡାରିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଏନ୍‌ଏସି ଅଧକ୍ଷା ସରମିତା ଶବର, ଉପାଧକ୍ଷ ଯୋଗେଶ୍ୱର ରାଓ, ବ୍ଲକ୍ ଉପାଧକ୍ଷ ବିଶ୍ୱନାଥ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ପଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ରାଜ୍ୟରେ ଚାଲୁ ରହିଛି। ଗୁଡାରି ଏନ୍‌ଏସି କ୍ଲଷ୍ଟର ଓ ବ୍ଲକସ୍ତରୀୟ ମେଳା ମିଳିତ ଭାବେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୭୪ ଛାତ୍ରୀଛାତ୍ର, ୬୦ଅଭିଭାବକ, ସମସ୍ତ ସିଆର୍‌ସିସି ଓ ୯ ଜଣ ଶିକ୍ଷକ ଯୋଗ ଦେଇଥିଲେ। ଏଥିରେ ବ୍ଲକ୍‌ର ୩୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ,ସର୍ବୋତ୍ତମ ଅଭ୍ୟାସ ପ୍ରଦର୍ଶନ ଓ ଉପସ୍ଥାପନା କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନମୟୀ ପୁରୋହିତ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଶିକ୍ଷଣ ସାମଗ୍ରୀ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଙ୍ଗୁଡା ରୁପମାଝୀ ଓ ଦୁଷ୍ମନ୍ତ କୁମାର ମିଶ୍ରଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କର୍ମଚାରୀ ଷ୍ଟିଫେନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ରାମକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ରାୟଗଡ଼ା/ଟିକିରି,୪।୩(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା ଟିକିରି ଥାନା ଅଞ୍ଚଳରେ ସୋମବାର ଜଣେ ମାନସିକ ବିକୃତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଟିକିରି ଥାନାରେ ନଂ. ୩୭/୨୫ରେ ମାମଲା ରୁଜୁ ହେବା ସହିତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି । ସେ ହେଲେ ପ୍ରକାଶ ମାଝି।

ପ୍ରକାଶ ଯେ, ୧୭ବର୍ଷୀୟା ନାବାଳିକା ନିଜ ମା' ସହିତ ଗାଁ ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ । ଏହି ସମୟରେ ଉକ୍ତ ଗ୍ରାମର ଯୁବକ ପ୍ରକାଶ ନାବାଳିକାଙ୍କୁ ଭୁଲାଇ ଏକ କୁଡ଼ିଆକୁ ନେଇ ବଳାତ୍କାର କରିଥିଲେ। ତେବେ ଉକ୍ତ ସମୟରେ ନାବାଳିକାଙ୍କ ମା' ପହଞ୍ଚି ଝିଅଙ୍କୁ ଉଦ୍ଧାର କରିବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମଙ୍ଗଳବାର ପୋଲିସ ନାବାଳିକାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଡାକ୍ତରୀ ମାଇନା କରିଥିବା ସୂଚନା ମିଳିଛି । ତେବେ ନାବାଳିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତରୀ ମାଇନା ପାଇଁ ଆଣିବା ପରେ ସେଠାରେ ଦୁଇଦିନ ସମୟ ଲାଗିବ ବୋଲି ଡାକ୍ତର ପ୍ରଥମେ କହିଥିବା ପୀଡ଼ିତାଙ୍କ ମା' ସୂଚନା ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଡାକ୍ତରୀ ମାଇନା କରିଥିବା ଜଣାପଡ଼ିଛି ।

# ଆଜିଠୁ ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ

**ଗୁଣପୁର,୪।୩(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ଓକିଲ ସଂଘ ନିର୍ବାଚନପାଇଁନାମାଙ୍କନପତ୍ର ବୁଧବାରଠାରୁ ଦାଖଲ ହେବ। ମାର୍ଚ୍ଚ ୨୯ ନିର୍ବାଚନ ଅନୁଷ୍ଠିତ ହେବ। ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ହୋଇ ମାର୍ଚ୍ଚ ୮ରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୯ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ନାମାଙ୍କନପତ୍ର ଯାଞ୍ଚ ହୋଇ ମାର୍ଚ୍ଚ ୧୦ରେ କାଏମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୧୨ ପୂର୍ବାହ୍ନ ୧୧ଟାରୁ୩.୩୦ ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଚୁଡାନ୍ତ ତାଲିକା ମାର୍ଚ୍ଚ ୧୩ରେ ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ମନୋଜ କୁମାର ରତ୍ନାଲୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମାର୍ଚ୍ଚ ୨୯ରେ ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ମତଦାନ ଓ ୪ ଟାରୁ ଭୋଟ ଗଣତି କରାଯିବ। ଏହାପରେ ଫଳାଫଳ ପ୍ରକାଶ ପାଇଁ କାର୍ଯ୍ୟ ସୂଚୀ ରହିଛି। ସଭାପତି,ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ୯୪ ଭୋଟର ମତଦାନ କରିବା ସୂଚନା ମିଳିଛି।

# ୪୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଖଜୁରିପଡ଼ା, ୪।୩( ବିଦୁର ବେହେରା)**

କନ୍ଧମାଳ ଜିଲା ଅବକାରୀ ଭ୍ରାମ୍ୟମାଣ ଗାଡ଼ି ମଙ୍ଗଳବାର ରାଣୀ ପଥର ଘାଟିରେ ପାଟ୍ରୋଲିଂ କରୁଥିବା ବେଳେ କେତେକ ଗାଡ଼ିକୁ ସନ୍ଦେହରେ ଅଟକାଇ ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଗାଡ଼ିରୁ ୪୦ କିଲୋ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ଘର ମୂଳ ସୁବଳିଆ ଗ୍ରାମର ସାନନ୍ଦ ନାୟକ ବୋଲି ଜଣାପଡିଛି। ଗାଡ଼ି(ଓଡ଼ି ୦୫ ବିଟି ୦୯୧୨)ରେ ଫୁଲବାଣୀରୁ ବୌଦ୍ଧକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିଲା। ଗାଡ଼ିରେ ଥିବା ଅନ୍ୟ ୨ଜଣ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ସୁରକ୍ଷା ଦେବା ପାଇଁ ଯାଉଥିବା ଗାଡ଼ି (ଓଡ଼ି ୦୨ ଡିଏ ୦୮୨୫)କୁ ମଧ୍ୟ ଜବତ କର୍ମଚାରୀମାନେ ଜବତ କରିଛନ୍ତି।

# ଧରାକୋଟ ଅଞ୍ଚଳରେ ଦନ୍ତାହାତୀ

**ଧରାକୋଟ,୪।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ସୁଳିଆ ପାହାଡର ଆମ୍ବଡା ବଣ ଅଞ୍ଚଳରେ ଏକ ଦନ୍ତାହାତୀ ଚଳପ୍ରଚଳ ହେଉଥିବା ଯୋଗୁ ଲୋକେ ଭୟଭୀତ ଅଛନ୍ତି। ବନ ବିଭାଗ ତରଫରୁ ବନପାଳ ଶରତ ଚନ୍ଦ୍ର ବେହେରା, ଅକ୍ଷୟ ତ୍ରିପାଠୀଙ୍କ ନେତୃତ୍ୱରେ ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ଗତ ଦଶ ଦିନ ପୂର୍ବରୁ ପଲରୁ ବାହାରି ଆସିଥିବା ଦନ୍ତା ହାତୀଟି ପ୍ରଥମେ ଚାପୁଡିଆ ଜଙ୍ଗଲ ନିକଟରେ ଥିବା ଆଠଘରିଆ ଗାଁ ପାଖାପାଖି ବୁଲୁଥିବା ଲୋକେ ଦେଖିଥିଲେ। ଦୁଇ ଦିନ ପୂର୍ବେ ଦନ୍ତାକୁ ଧରାକୋଟ ନିକଟସ୍ଥ ସରଧାପୁର ଗାଁ ପାଖରେ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଏହା ପରେ ହାତୀଟି ଶାନ୍ତିଝର ନିକଟସ୍ଥ ଶୁଳିଆ ବାଡି ଅଞ୍ଚଳକୁ ଚାଲି ଆସିଥିଲା। ହାତୀର ଗତି ବିଧି ଲକ୍ଷ କରି ବନ ବିଭାଗ ତରଫରୁ ବିଦ୍ୟୁତ ବିଭାଗକୁ ଖବର ଦେବା ପରେ ରାତିରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ବନ ବିଭାଗ ହାତୀର ଗତି ବିଧି ଲକ୍ଷ୍ୟ କରି ଘଉଡାଇବା ପରେ ସେ ପୁଣି ଚାପୁଡ଼ିଆ ଜଙ୍ଗଲ ନିକଟକୁ ଚାଲି ଯାଇଛି। ହାତୀଟି ଅଞ୍ଚଳରେ କୌଣସି କ୍ଷତି କରିନାହିଁ ।

# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଗୁଣପୁର,୪।୩(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସହରସ୍ଥିତ ମରାଠିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତଥା ଗୁଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରତିଶୃତି ସିଂ, ମୁଖ୍ୟବକ୍ତା ଜଗନ୍ନାଥ ମେହେର, ବିଷମକଟକ ଡିଆଇଇଟି ଅଧକ୍ଷ, ଜଗନ୍ନାଥ ଦାସ ପୂର୍ବତନ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ, ପୂର୍ବତନ ବିଦ୍ୟାଳୟ ପରିଦର୍ଶକ ତ୍ରିନାଥ ତ୍ରିପାଠୀ, ପଦ୍ମପୁର ପୂର୍ବତନ ବିଇଓ ସୁବାସ ଶବର, ନଳନୀ କୁମ୍ଭକାର ଶିକ୍ଷକ ପ୍ରଶିକ୍ଷକ, ଗୁଣପୁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀ ବେହେରା, ଦମୟନ୍ତୀ ଦେବୀ ଓ ୧୮ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ବିଦ୍ୟାଳୟରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଟିଏଲ୍‌ଏମ୍ ନେଇ ଆସିଥିଲେ। ଶିକ୍ଷଣ କେନ୍ଦ୍ର-୧,୨,୩ ଓ ୪ରେ ଉମ୍ପସରା ପ୍ରାଥମିକ ବିଦ୍ୟାଳୟର ଗଲାବି ଦେବୀ ବହୁମୁଖି ଶ୍ରେଣୀ ଶିକ୍ଷାଦାନ କରିଥିଲେ। ସମସ୍ତ ଅତିଥି ଶିକ୍ଷଣ କେନ୍ଦ୍ର ବୁଲିଥିଲେ। ଗୋପୀନାଥ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର କୌଶଳ ପ୍ରଦର୍ଶନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଜି.ଶଙ୍କର ରାଓ, ପ୍ରବୀଣ କୁମାର ରାଜୁ, ନିରାକାର ସାହୁ, କେ.ସଂକେରି, କେଶବ ଶବର, ଯାତ୍ରା ଶବର, ପ୍ରଦୀପ କୁମାର ବିଡ଼ିକା ଓ ପ୍ରଭାତ କୁମାର ସାହୁ ସହଯୋଗ କରିଥିଲେ।

# ପାଣି ପାଇଁ ହାଣ୍ଡି, ଗରା ରଖି ଆନ୍ଦୋଳନ

**ଖରାଦିନ ଆରମ୍ଭ ପୂର୍ବରୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ମଙ୍ଗଳବାର ରାୟଗଡ଼ା ଜିଲା ଗୁଣପୁର ଓ କାଶୀପୁର ବ୍ଲକ ଟିକିରିରେ ପାନୀୟ ଜଳ ସମସ୍ୟା ନେଇ ରାସ୍ତା ଅବରୋଧ କରାଯାଇଛି। ଉଭୟ ସ୍ଥାନରେ ଗ୍ରାମବାସୀ ହାଣ୍ଡି, ଗରା ଆଦି ରଖି ଦୀର୍ଘ ସମୟ ପାଇଁ ଧାରଣା ଦେଇଥିଲେ।**

## ବୃହତ୍ ପାନୀୟ ଜଳ ପ୍ରକଳ୍ପରେ ଲିମାମେଡା ଗ୍ରାମକୁ ସଂଯୋଗ ଦାବି

**ଗୁଣପୁର,୪।୩(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସହର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଗୁଣପୁର ବ୍ଲକ ଚାଲକମ୍ବା ପଞ୍ଚାୟତ ଅଧୀନ ଲିମାମେଡା ଗ୍ରାମ। ଏଠାକାର ଲୋକଙ୍କୁ ନା ମିଳୁଛି ପୌର ପରିଷଦର ସୁବିଧା ନା ପଞ୍ଚାୟତର ସୁବିଧା। ଗ୍ରାମରେ ପ୍ରାୟ ୧୩୦ ପରିବାର ବସବାସ କରୁଥିବା ବେଳେ ମାତ୍ର ୪ଟି ନଳକୂପ ରହିଛି। ଏଥିମଧ୍ୟରୁ ୨ ଟିରେ ସୋଲାର ସଂଯୋଗ କରାଯାଇଛି। ଅନ୍ୟ ୨ଟି ନଳକୂପ ଅଚଳ। ସୋଲାର ସଂଯୋଗ ହୋଇଥିବା ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଲୋକେ ବାଧ ହୋଇ ନିକଟସ୍ଥ ନଦୀକୁ ପାଣି ପାଇଁ ଯାଉଛନ୍ତି। ବର୍ତ୍ତମାନ ଖରା ବଢୁଥିବାବେଳେ ନଦୀ ମଧ୍ୟ ଶୁଖିଲା ପଡିଛି। ଏଭଳି ସ୍ଥିତିରେ ପିଇବା ପାଣି ପାଇଁ ଡହଳ ବିକଳ ହେଉଥିବା ସହ ବାରମ୍ବାର ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଲିମାମେଡା ଗ୍ରାମରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୁଲାଇ ମାସରେ ଏହା କାର୍ଯ୍ୟକ୍ଷମ ହେବ। ତେବେ ଏହି ପ୍ରକଳ୍ପରେ ୧୫ ପଞ୍ଚାୟତର ଶହେରୁ ଉର୍ଦ୍ଧ୍ୱ ଗ୍ରାମକୁ ଘରେ ଘରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ଥିବାବେଳେ ଲିମାମେଡା ଗ୍ରାମକୁ ବାଦ ଦିଆଯାଇଥିବା ଜଣାପଡ଼ିଛି। ଆଗକୁ ଲିମାମେଡ଼ା ଗ୍ରାମ ଗୁଣପୁର ପୌର ପରିଷଦ ଅଧୀନରେ ଆସିବାକୁ ଥିବାରୁ ଏହି ଏହାକୁ ବାଦ ଦିଆଯାଇଛି ବୋଲି କୁହାଯାଉଛି। ୩ ବର୍ଷ ଧରି ଏହି ଗ୍ରାମ ପୌର ପରିଷଦରେ ମିଶିଯିବ ବୋଲି କେବଳ ଶୁଣିବାକୁ ମିଳୁ ଥିବାବେଳେ କୌଣସି ସରକାରୀ ନିଷ୍ପତ୍ତି ହୋଇନାହିଁ। ତେଣୁ କାହିଁକି ଗ୍ରାମବାସୀ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହେବେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ଗ୍ରାମବାସୀ ହାଣ୍ଡି, ମାଠିଆ ଧରି ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ପାଣି ପାଇଁ ପ୍ରତିବାଦ କରିଥିଲେ। ତୁରନ୍ତ ଏହି ବୃହତ ପାନୀୟ ଜଳ ପ୍ରକଳ୍ପରେ ଲିମାମେଡା ଗ୍ରାମକୁ ସାମିଲ କରି ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଦାବି କରିଛନ୍ତି। କେବଳ ପାନୀୟ ଜଳ ସମସ୍ୟା ନୁହେଁ ଏହି ଗ୍ରାମରେ ବିଦ୍ୟୁତ୍ ସମସ୍ୟା ମଧ୍ୟ ଦେଖିବାକୁ ମିଳିଛି। ଗ୍ରାମଠାରୁ ୨ଶହ ମିଟର ଦୂରରେ ଥିବା ଉଠା ଜଳସେଚନ କଲୋନୀରେ କରେଣ୍ଟ ବ୍ୟବସ୍ଥା ଠିକ୍ ଥିବାବେଳେ ଏଠାରେ ଅଧିକାଂଶ ସମୟରେ ବିଜୁଳି ସଂଯୋଗ ରହୁନି। ଏହି ସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଲିମାମେଡ଼ା ଗ୍ରାମର ମହିଳା ମାନେ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

## ଡମ୍ବ ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ



ଡମ୍ବ ସାହିବାସୀ ରାସ୍ତା ଅବରୋଧ କରିଛନ୍ତି।

**ଟିକିରି, (ପ୍ରଫୁଲ କୁମାର ବେହେରା)**

କାଶୀପୁର ବ୍ଲକ ଅଧୀନ ଟିକିରି ଡମ୍ବ ସାହିରେ ବହୁତ ଦିନ ଧରି ପାନୀୟ ଜଳ ସମସ୍ୟା ରହିଥିଲା। ଏହାର ସମାଧାନ ପାଇଁ ବହୁବାର ଅଭିଯୋଗ କରିବା ପରେ ଡମ୍ବ ସାହିରେ ବୋର୍‌ୱେଲ ଖୋଳା ଯାଇଥିଲା। କିନ୍ତୁ ବୋର୍ ମେସିନ କୌଣସି କାରଣ ବସତ ବସି ପାରି ନ ଥିଲା। ମଙ୍ଗଳବାର ରାସ୍ତାରେ ହାଣ୍ଡି ଗରା ରଖି ମୁଖ୍ୟ ରାସ୍ତା ଅବୋରଧ କରିଥିଲେ। ଏହାଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଥିଲା। ମିଳିଥିବା ସୂଚନାନୁଯାୟୀ ପାନୀୟଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ପ୍ରଶାସନକୁ ଅବଗତି କରିବାପରେ ମଧ୍ୟ କୌଣସି ବ୍ୟବସ୍ଥା କରାଯାଉନଥିବାରୁ ବାଧ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି। ଏନେଇ ଖବରପାଇ ଘଟଣାସ୍ଥଳରେ ଟିକିରି ପୋଲିସ, କାଶୀପୁର ବିଡିଓ ବିଜୟ କୁମାର ସୋଏ, ଏବିଡିଓ ପଦ୍ମିନି କହ୍ନର, କନିଷ୍ଠ ଯନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା।

# ଏନ୍‌ଏସିରୁ ସାର୍ଟିଫାଏ କପି ନ ମିଳିବାରୁ ଧାରଣାରେ ବସିଲେ କାଉନସିଲର

**କୋରୁକୋଣ୍ଡା,୪।୩(ଶିବଦତ୍ତ ସାହୁ)**

### ଦୁଇଦିନ ସମୟ ମାଗିଲେ, ନିର୍ବାହୀ ଅଧିକାରୀ

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିରେ ୧ ନଂ. ୱାର୍ଡ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ମଙ୍ଗଳବାର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସାର୍ଟିଫାଏ କପି ନ ମିଳିବାରୁ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା ।

ପଟ୍ଟନାୟକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଫେବୃଆରୀ ୨୫ରେ ଏନ୍‌ଏସିର ଉପାଧ୍ୟକ୍ଷ ରଶ୍ମିତା ବାଙ୍ଗଙ୍କ ନେତୃତ୍ୱରେ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୃଷ୍ଣ ବାଘ, ସନ୍ତୋଷ ପଣ୍ଡା, ସୁନିତା ଗୁରୁ, ବିମଳ ବେହେରା, ତୁଳାମଣି ଛଡି ଓ ମଙ୍ଗୁଳି ହିଆଲ ପ୍ରମୁଖ ଏନ୍‌ଏସିକୁ ଯାଇ ନିର୍ବାହୀ ଅଧିକାରୀ ମୁନା ତୁର୍କୁଙ୍କୁ ଭେଟି ପୂର୍ବରୁ ହୋଇଥିବା ରେଜୁଲେଶନ କପିଗୁଡ଼ିକର ସାର୍ଟିଫାଏ ନକଲ ଦେବାକୁ ଦାବୀପତ୍ର ପ୍ରଦାନ କରିଥିଲେ । ଏନ୍‌ଏସିର ୱାର୍ଡଗୁଡ଼ିକରେ ବନ୍ଦ ପଡିଥିବା ଶୌଚାଳୟ ଏବଂ କାଉନସିଲରମାନଙ୍କ ବିନା ଅନୁଗତରେ ହୋଇଥିବା କାମଗୁଡ଼ିକ ଏଭଳି ବିଭିନ୍ନ ସମସ୍ୟା ନେଇ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ନିର୍ବାହୀ ଅଧିକାରୀ ମଧ୍ୟ କିଛି ଦିନ ମଧ୍ୟରେ ସେମାନଙ୍କୁ ସାର୍ଟିଫାଏ କପି ପ୍ରଦାନ କରାଯିବା ସହିତ ଉପରୋକ୍ତ ସମସ୍ୟା ସମ୍ପର୍କରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏ ନେଇ ୧୦ରୁ ଊର୍ଦ୍ଧ୍ୱ ଦିନ ବିତିଯାଇଛି । ସେମାନଙ୍କ ମଧ୍ୟରୁ କାଉନସିଲର ପଟ୍ଟନାୟକ କାର୍ଯ୍ୟାଳୟକୁ ଯାଇ ସାର୍ଟିଫାଏ କପି ପ୍ରଦାନ କରିବାକୁ ନିର୍ବାହୀ ଧିକାରୀଙ୍କୁ କହିଥିଲେ, କିନ୍ତୁ ଏନ୍‌ଏସି କର୍ତ୍ତୃପକ୍ଷ ସାର୍ଟିଫାଏ କପି ସେମାନଙ୍କୁ ପ୍ରଦାନ ନ କରିବାରୁ କାଉନସିଲର ପଟ୍ଟନାୟକ ଏହାର ପ୍ରତିବାଦ କରି କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ । ଏହାର ସମାଧାନ କରିବା ନିମନ୍ତେ ନିର୍ବାହୀ ଅଧିକାରୀ ମୁନା ତୁର୍କୁ କାଉନସିଲର ପଟ୍ଟନାୟକଙ୍କ ସହିତ ଆଲୋଚନା କରି ୨ ଦିନ ମଧ୍ୟରେ ସାର୍ଟିଫାଏ କପି ପ୍ରଦାନ କରିବେ ବୋଲି ଲିଖିତ ପ୍ରତିଶ୍ରୃତି ଦେଇଥିଲେ । ପରେ କାଉନସିଲର ଧାରଣାରୁ ଓହରି ଥିଲେ ।



ଏନ୍‌ଏସି ଆଗରେ ଧାରଣାରେ ବସିଛନ୍ତି କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ।

# ପଞ୍ଚାୟତିରାଜ, ପାନୀୟଜଳ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ଦାବିପତ୍ର



ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସହ ଦଳୀୟ କର୍ମକର୍ତ୍ତା ।

**ଗୋବିନ୍ଦପାଲି/ଖଇରପୁଟ, ୪।୩ (କାର୍ତ୍ତିକ ରଥ/ଜଗନ୍ନାଥ ମାଝି )**

ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲିଠାରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଦଳୀୟ କାର୍ଯ୍ୟ କର୍ତ୍ତାଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମନ୍ତ୍ରୀ ମଙ୍ଗଳବାର ମାଲକାନଗିରି ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଗୋବିନ୍ଦପାଲିଠାରେ ଥିବା ବନ ବିଭାଗ ଡାକ ବଙ୍ଗଳାରେ ମନ୍ତ୍ରୀ ନାଏକଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ସେଠାରେ ସେ କିଛି ସମୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଉନ୍ନୟନ କାମ ଓ ସରକାରଙ୍କ ବିଭିନ୍ନ ଯୋଜନା କିପରି ସମସ୍ତ ଲୋକଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ଆଲୋଚନା କରିଥିଲେ । ପରେ ଗୋବିନ୍ଦପାଲି ଏବଂ କୁଡୁମୁଲୁଗୁମ୍ମା ଗ୍ରାମରେ ନୂତନ ବ୍ଲକ୍ ସ୍ଥାପନ ପାଇଁ ଉଭୟ ଗ୍ରାମବାସୀଙ୍କ ତରଫରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡମ୍ବରୁ ସିସା, ଏମ୍ପି ପ୍ରତିନିଧି ଶିଶିର ଶଙ୍କର ରଥ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଜ୍ୟୋତିରଞ୍ଜନ ବେହେରା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ବନମାଳୀ ବରଡ଼ା, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଜଗନ୍ନାଥ ନାୟକ, ଜିଲ୍ଲା ସମ୍ପାଦିକା ସନ୍ତୋଷିନୀ ପାତ୍ର, ମଣ୍ଟୁ ଜେନା, ପପୁ ସାହୁ, କୁନାଲ ମିଶ୍ର ଓ ଶ୍ରୀକାନ୍ତ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ମାସରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୭ ଜଣ ସରପଞ୍ଚ ଗୋବିନ୍ଦପାଲିଠାରେ ବ୍ଲକ୍ କାର୍ଯ୍ୟାଳୟ ସ୍ଥାପନ ପାଇଁ ଲିଖିତ ଅଭିଯୋଗ କରିଥିଲେ ।

# ଓର୍କେଲ ପୋଲିସର ନୂତନ ଆପରାଧିକ ଆଇନ ସଚେତନତା

**କୋରୁକୋଣ୍ଡା,୪।୩(ଶିବଦତ୍ତ ସାହୁ )**

### ବାଲିମେଳା ଉଚ୍ଚ ବିଦ୍ୟାଳୟ

ଓର୍କେଲ ପୋଲିସ ପକ୍ଷରୁ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ,ଏଏସଆଇ ବିଜୟ କୁମାର ବେନିଆ, ଏଏସଆଇ ସଞ୍ଜିତ କୁମାର ଟାକ୍ରିଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସାଇବର ଠକେଇରୁ କିପରି ବଞ୍ଚିତ ରହିବେ , ଯଦି ଠକେଇ ସମ୍ପର୍କିତ କୌଣସି ସୂଚନା ମିଳେ ତେବେ ତୁରନ୍ତ ଏ ସମ୍ପର୍କରେ ୧୯୩୦ ହେଲ୍ପ ଲାଇନ ନମ୍ବରକୁ ଫୋନ କରି ଜଣାଇବା ସହ ନିଜର ଟଙ୍କାକୁ କିପରି ସୁରକ୍ଷିତ ରଖିବେ ସେ ନେଇ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ କୁହାଯାଇଥିଲା । ଆପରାଧିକ କାର୍ଯ୍ୟରେ ଲିପ୍ତଥିବା ଅପରାଧୀମାନଙ୍କ ବିରୋଧରେ କିପରି ଜିରୋ ଏଫଆଇଆର ଏବଂ ଇ. ଏଫ୍‌ଆଇଆର୍ ରୁଜୁକରିପାରିବେ ସେ ସମ୍ପର୍କରେ ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା ।



ଓର୍କେଲ ପୋଲିସ ପକ୍ଷରୁ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପିଲାଙ୍କୁ ନୂତନ ଆଇନ ସମ୍ପର୍କରେ ସଚେତନ କରାଯାଉଛି ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




କାଲିମେଳା ବ୍ଲକ୍‌ର ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**କାଲିମେଳା, ୪।୩(ଜୀବନ କୃଷ୍ଣ ଦାସ)**

- ୨ ମୃତଛାତ୍ରୀଙ୍କୁ ନ୍ୟାୟ ଦାବି
- କ୍ରାଇମ୍‌ବ୍ରାଞ୍ଚ, ସିବିଆଇ ତଦନ୍ତ ଦାବି

ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଏମ୍‌ଭି ୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ୨ ଛାତ୍ରୀଙ୍କ ମୃତଦେହ ବିଲିଗୁଡ଼ା ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜବତ ଘଟଣାରେ ଧୀରେ ଧୀରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ପୋଲିସ ଏହାକୁ ଆତ୍ମହତ୍ୟା ଦର୍ଶାଇଥିବା ବେଳେ ଝିଅଙ୍କ ପରିବାର ଲୋକେ ଏହାକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି । ଏହି ଘଟଣାର ସିବିଆଇ ତଦନ୍ତ ଦାବିକରି ନ୍ୟାୟ ଦାବିରେ ମଙ୍ଗଳବାର ଦଣ୍ଡକାରଣ୍ୟ ଲିବରେଶନ ଅର୍ଗାନାଇଜେଶନ କର୍ମକର୍ତ୍ତାଙ୍କ ସହ ମୃତଛାତ୍ରୀଙ୍କ ପରିବାରବର୍ଗ ମିଳିତଭାବେ କାଲିମେଳାଠାରେ ଏକାଠି ହେବା ପରେ ବଜାରରେ ଶୋଭାଯାତ୍ରାକରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଶୋଭାଯାତ୍ରାରେ ଦଣ୍ଡକାରଣ୍ୟ ମହିଳା ଲିବରେଶନ ସଭାପତି ମନସ୍ୱିନୀ ଟାକ୍ରି, ସାଧାରଣ ସମ୍ପାଦକ କର୍ପୋର ହନ୍ତାଳ, ଅବିଭକ୍ତ କୋରାପୁଟ ସଂଘ ଉପ ସଭାପତି ବସୁ ନାୟକ ଓ ଜିଲା ସଭାପତି ଲଳିତ ମାଡକାମି ପ୍ରମୁଖ ସାମିଲ ହୋଇଥିଲେ । ଏହି ଘଟଣାରେ ନିଖୋଜ ଏବଂ ହତ୍ୟା ମାମଲା ରୁଜୁକରିବା ସହ ସ୍ୱତନ୍ତ୍ର ଅନୁସନ୍ଧାନକାରୀ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ ଦାବି କରାଯାଇଛି । ଏଥିସହ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଦ୍ୱାରା ମୃତଦେହ ବ୍ୟବଚ୍ଛେଦର ରିପୋର୍ଟ ଯାଞ୍ଚକରି ଏହାର ରିପୋର୍ଟ ପରିବାର ଲୋକଙ୍କୁ ଦିଆଯିବା, ସିସିଟିଭି ଫୁଟେଜ ଯାଞ୍ଚ ସହ ମୋବାଇଲ କଲ୍ ରେକର୍ଡିଂକୁ ତଦନ୍ତ ପରିସରଭୁକ୍ତ କରିବା, ପୀଡ଼ିତାଙ୍କ ପରିବାରରେ ଆଗରୁ କିଛି କାହା ସହ ଶତ୍ରୁତା ଅଛି କି ନାହିଁ, ତା'ର ଯାଞ୍ଚ କରିବାକୁ ମହିଳାମାନେ ଦାବି କରିଛନ୍ତି । ଏହି ଘଟଣାରେ ପୁନଃ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସୂଚନା ଦିଆଯାଇଛି । ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

# ସଡ଼କ ସୁରକ୍ଷା, ନିଯୁକ୍ତି ସମ୍ପର୍କରେ ଆଲୋଚନା

**କୋରୁକୋଣ୍ଡ,୪।୩( ଶିବଦତ୍ତ ସାହୁ )**

- କଣ୍ଡେଲ ଗ୍ରାମ
- ପୋଲିସ ନୂତନ ଆପରାଧିକ ଆଇନ ସଚେତନତା

କୋରୁକୋଣ୍ଡା ବ୍ଲକ୍ ସୋମନାଥପୁର ପଞ୍ଚାୟତ କଣ୍ଡେଲ ଗ୍ରାମରେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋମନାଥପୁର ସରପଞ୍ଚ ମଞ୍ଜୁଲତା ଖିଲ,ସମସ୍ତ ୱାର୍ଡମେମ୍ବର, ପଞ୍ଚାୟତବାସୀ, ଏଏସ୍‌ଆଇ ସଞ୍ଜିତ ଟାକ୍ରି, ଏଏସଆଇ ବିଜୟ କୁମାର ବେନିଆଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ସଡ଼କ ସୁରକ୍ଷା ଆଇନ, ଶିକ୍ଷିତ ଯୁବତୀଯୁବକମାନଙ୍କର ନିଯୁକ୍ତି ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ହେଉଥିବା ବିଭିନ୍ନ ସାଇବର ଠକେଇରୁ କିପରି ଲୋକେ ବର୍ତ୍ତିବେ ଏବଂ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯଇଥିବା ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ପୋଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ଅବଗତ କରାଯାଇଥିଲା ।



ସଚେତନତା ସଭାରେ ଯୋଗଦେଇଥିବା କଣ୍ଡେଲ ଗ୍ରାମବାସୀ ।

# ରାସ୍ତା ମରାମତି କଲା ପ୍ରଶାସନ

### ଧରିତ୍ରୀ ପ୍ରଭାବ

**ସୁନାବେଡ଼ା/ସେମିଳିଗୁଡ଼ା, ୪।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**



ମରାମତି ହୋଇଥିବା ରାସ୍ତା ।

ସେମିଳିଗୁଡ଼ା ଟ୍ରାଫିକ୍ ଛକରୁ ନାଲ୍‌କୋ ଛକ ପର୍ଯ୍ୟନ୍ତ ଖାଲଖମା ରାସ୍ତାକୁ ପ୍ରଶାସନ ପକ୍ଷରୁ ପିଚୁ ପକାଯାଇ ସମତଳ କରାଯାଇଛି । ରାସ୍ତା ଶୋଚନୀୟ ଥିବା ନେଇ ଧରିତ୍ରୀରେ ଗତ ରବିବାର ଖବର ପ୍ରକାଶ ପାଇଥିଲା । ଏହାପରେ ବିଭାଗ ତତ୍ପରତା ଦେଖାଇ ବିଳମ୍ବରେ ହେଲେ ମଧ୍ୟ ରାସ୍ତା ମରାମତି କରିଛି । ସୂଚନା ଅନୁଯାୟୀ, ଅନେକ ଦିନରୁ ଏହି ରାସ୍ତା ଶୋଚନୀୟ ହୋଇ ରହିଥିଲା । ସୂଚନା ଯେ, ଜିଲାର ଦେଓମାଳି, ରାଣୀ ଡୁଡୁମା, ପୁଟସିଲ, ଗାଲି ଗବଦର ଓ ତାଲାମାଲି ଆଦି ଅନେକ ପର୍ଯ୍ୟଟନସ୍ଥଳକୁ ଏହି ରାସ୍ତା ସଂଯୋଗ କରୁଛି ।

# ଜଗନ୍ନାଥସାଗର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ହେବ: ବିଧାୟକ ତାରାପ୍ରସାଦ

**ଜୟପୁର,୪।୩(ପବନ ପାଣିଗ୍ରାହୀ)**



ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ ।

ଜୟପୁରସ୍ଥିତ ଜଗନ୍ନାଥ ସାଗର ରାଜ୍ୟର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ହେବ ବୋଲି ମଙ୍ଗଳବାର ଲକ୍ଷ୍ମୀନଗର ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି । ସାଗର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୯ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ୧୦ ଦିନରେ ଟେଣ୍ଡର ବାହାରିବା ସହ ଏହି କାର୍ଯ୍ୟକୁ ରାସ୍ତା ଓ ଗୃହ ବିଭାଗ, ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ପୌରପାଳିକା ତଦାରଖ କରିବେ । ପଙ୍କ ଉଦ୍ଧାର ସହ ସୌନ୍ଦର୍ଯ୍ୟକରଣ ହେବା ନେଇ ନୂତନ ଡିପିଆର୍ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଉଛି । ସାଗର ବିକାଶ ପାଇଁ ଜଗନ୍ନାଥ ସାଗର ଟ୍ରଷ୍ଟ ଓ ଜଗନ୍ନାଥ ସାଗର ସଂଘର୍ଷ ସମିତି ଧାରଣା ଦେଇଥିବା ବେଳେ ବିଧାୟକ ବାହିନିପତି ଏହାକୁ ସ୍ୱାଗତକରି ବିକାଶ କାର୍ଯ୍ୟରେ ରାଜନୀତି ନ କରିବାକୁ ପରାମର୍ଶ ଦେଇଥିଲେ । ଟ୍ରଷ୍ଟ ସଦସ୍ୟମାନେ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଥିଲେ । ସାଗରର ବିକାଶ ପାଇଁ ସମସ୍ତ ସଂଗଠନ ଓ ପରେ ବିଧାନସଭାରେ ବିଧାୟକ ବାହିନୀପତି ଦାବି କରିଥିଲେ । ପୂର୍ବ ସରକାରଙ୍କ ଏକ ଟିମ୍ ବାରମ୍ବାର ଗସ୍ତକରି ଟଙ୍କା ମଞ୍ଜୁର କରିଥିଲେ । ଏସ୍‌ଏଚ୍‌ଜି ଗ୍ରୁପ କାର୍ଯ୍ୟ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଜୟପୁର ପୌର ଅଧିକାରୀ ଓ ଜନ ପ୍ରତିନିଧିମାନେ ସହମତି ଦେଇଥିଲେ । ସରକାର ବଦଳିଲା ପରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ୩ ଜଣିଆ ଟିମ୍ ସମୀକ୍ଷାକରି ଫେରିଛନ୍ତି । ସାଗରର ବିକାଶ ସହ ଏଥିପାଇଁ ଟଙ୍କାର ଅଭାବ ରହିବ ନାହିଁ ବୋଲି ବିଧାୟକ ବାହିନୀପତି ଜୟପୁରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅତ୍ୟାଧୁନିକ ଭାବେ ସାଗରକୁ ପୁନରୁଦ୍ଧାର କରାଯାଇ ନିର୍ମାଣ ହେବା ପରେ ଏହା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେବ ବୋଲି ସେ କହିଛନ୍ତି । ଟେଣ୍ଡର ହେବାର ୩ ମାସ ପୂର୍ବରୁ ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହେବ । କୋରାପୁଟ ଜିଲାପାଳ ଓ ଜୟପୁର ଉପଜିଲାପାଳ ଏହାର ତଦାରଖ କରିବା ନେଇ ସୂଚନା ମିଳିଛି । ସମ୍ମିଳନୀରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ନିହାରୀ ବିଷୋୟୀ ଓ ବ୍ଲକ୍ ସଭାପତି ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**ଜୟପୁର,୪।୩(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ୍ ଅନ୍ତର୍ଗତ ବଡ଼ଜିଉନାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ,ଜିପିଓ ଶିବପ୍ରସାଦ ପଣ୍ଡା, ଏପିଓ ସନ୍ତୋଷୀ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ହେମସାଗର ଶବର, ସରପଞ୍ଚ ତ୍ରିନାଥ ପୁଜାର,ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ବିଭିନ୍ନ ଗ୍ରାମର ଲୋକ ଉପସ୍ଥିତ ଥିଲେ । ଶିବିରରେ ଗ୍ରାମବାସୀ ଆବାସ ଯୋଜନାରେ ଘରଡିହ ପଟ୍ଟା ଆବେଦନ, ରାସ୍ତା ନିର୍ମାଣ ଓ ପାନୀୟ ଜଳ ଯୋଗାଣ ସମସ୍ୟା ଆଦି ଅଭିଯୋଗ କରିଥିଲେ ।

# ଅଧ୍ୟାପକ, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦେହାନ୍ତ

**ଦଶମନ୍ତପୁର,୪।୩(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ମହକୁମାସ୍ଥିତ ରାଧାକୃଷ୍ଣ ଆଦିବାସୀ କଲେଜର କାର୍ଯ୍ୟରତ ଜଣେ ଅଧ୍ୟାପକ ଓ ଅନ୍ୟ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅଧ୍ୟାପକ ପର୍ଶୁରାମ ସାହୁ(୫୧) ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ମକର ସଗର(୫୧) । କଲେଜର ଅପୂରଣୀୟ କ୍ଷତି ହୋଇଥିବା ଅଧ୍ୟକ୍ଷ ତ୍ରିନାଥ ପାତିକା କହିଛନ୍ତି । ସୂଚନାଯୋଗ୍ୟ, ଫେବୃଆରୀ ୨୬ରେ ପର୍ଶୁରାମ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ସ୍ତ୍ରୀ, ପୁଅ ଓ କଲେଜ ଷ୍ଟାଫ୍ ମିଶି ପ୍ରଥମେ ଦଶମନ୍ତପୁର ଏବଂ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ମକର ଅଜଣା ରୋଗରେ ପୀଡ଼ିତ ଥିବା ବେଳେ ଦଶମନ୍ତପୁର ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି ।

# ଦାୟିତ୍ୱ ନେଲେ ନୂତନ ପ୍ରଧାନ ଶିକ୍ଷକ

**ସୁନାବେଡ଼ା/ସେମିଳିଗୁଡ଼ା,୪।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାକଝୋଲା ପଞ୍ଚାୟତ ଉପରମାନିଆ ଜୟପ୍ରକାଶ ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଭାବେ ଅଶୋକ କୁମାର ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି । ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ପାକଝୋଲା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସଦାଶିବ ବାରିକ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ପଟ୍ଟନାୟକ ଜିଲା ଓଷ୍ଟା ସଂଘର ଜଣେ ଟାଣୁଆ ନେତା ଭାବେ ପରିଚିତ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ, ସୀମାଞ୍ଚଳ ବାରିକ, ବସନ୍ତ କୁମାର ବେହେରା, ଭ୍ରମରବର ସାହୁ ଓ ରଘୁନାଥ ଗୁଣ୍ଡା ପ୍ରମୁଖ ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ କରାଯାଉଛି ।

# ଜମି ଅଧିଗ୍ରହଣକୁ ଗ୍ରାମବାସୀଙ୍କ ବିରୋଧ

**ଜୟପୁର, ୪।୩(ପବନ ପାଣିଗ୍ରାହୀ)**

### ବିମାନବନ୍ଦର ସମ୍ପ୍ରସାରଣ ପ୍ରସଙ୍ଗ

ଜୟପୁର ବିମାନବନ୍ଦର ସମ୍ପ୍ରସାରଣ ହେବା ହେବା ନେଇ ଉମୁରୀ ପଞ୍ଚାୟତ ସେରାଗୁଡା ପ୍ରାଥମିକ ବିଦ୍ୟାଳୟରେ ଅଞ୍ଚଳବାସୀ ଗ୍ରାମସଭା କରି ଜମି ଅଧିଗ୍ରହଣକୁ ବିରୋଧ କରିଛନ୍ତି । ପୂର୍ବରୁ ରେଳପଥ, ପେପରମିଲ ଏବଂ କେନାଲ ପାଇଁ ଜମି ଯାଇଥିଲେ ମଧ୍ୟ ଏଯାଏ କେହି ଉପକୃତ ହୋଇ ନ ଥିବା ଅଭିଯୋଗ ହୋଇଛି । କୌଣସି ପରିସ୍ଥିତିରେ କେହି ଭିଟାମାଟି ଛାଡିବେ ନାହିଁ ବୋଲି ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ଅଧିକାରୀମାନଙ୍କୁ ରୋକ୍‌ଠୋକ୍ ଜବାବ୍ ଦେଇଛନ୍ତି ।

ବିମାନବନ୍ଦର ସମ୍ପ୍ରସାରଣ ହୋଇ ୨ସିରୁ ୩ ସି ବର୍ଗରେ ପରିଣତ ହେବ । ଏଥିପାଇଁ ବିମାନବନ୍ଦର ନିକଟରେ ଥିବା ସେରାଗୁଡା ଅଞ୍ଚଳରେ ଅଧିଗ୍ରହଣ ହେବ । ଏହାପୂର୍ବରୁ ଗ୍ରାମରେ ଗ୍ରାମସଭା କରାଯାଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ବାଲାଜି ବ୍ରହ୍ମା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ସରପଞ୍ଚ ସବିତା ନାୟକ,ୱାର୍ଡ ସଭ୍ୟ ଚନ୍ଦ୍ର ଶେଖର ହରିଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଗ୍ରାମବାସୀଙ୍କ ଆପତ୍ତି ଓ ଅଭିଯୋଗ ଥିଲେ ଜଣାଇବାକୁ କୁହାଯାଇଥିଲା । ଗ୍ରାମବାସୀ ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ । ବହୁ ପୂର୍ବରୁ ସେମାନେ ସେଠାରେ ବସବାସ କରୁଛନ୍ତି । ଭିଟାମାଟି ଛାଡି କୁଆଡେ ଯିବେ ନାହିଁ । ଅନ୍ୟ ସ୍ଥାନକୁ ସେମାନଙ୍କୁ ସ୍ଥାନାନ୍ତର କଲେ ହଇରାଣ ହେବେ ବୋଲି ଅଞ୍ଚଳବାସୀ କହିଥିଲେ । ପୂର୍ବରୁ ଏହି ଅଞ୍ଚଳରେ କେନାଲ ଓ ବିମାନବନ୍ଦର ସମ୍ପ୍ରସାରଣ ପାଇଁ କେତେକ ଲୋକେ ଜମି ଦେଇଥିଲେ । କିନ୍ତୁ ଆଜି ସୁଦ୍ଧା ସେମାନଙ୍କୁ ଲାଭ ମିଳି ନ ଥିବା ବେଳେ ଜଣେ ମଧ୍ୟ ଶିକ୍ଷିତ ଯୁବତୀ ଯୁବକଙ୍କ ନିଯୁକ୍ତି ମିଳିନାହିଁ ବୋଲି କହିଛନ୍ତି । ପ୍ରଶାସନ ଯଦିଏ ଅଞ୍ଚଳରେ ବିମାନବନ୍ଦର ସମ୍ପ୍ରସାରଣ ପାଇଁ ଯୋଜନା କରିଥିଲା ତାହେଲେ ପ୍ଲଟିଂ କରିବାକୁ କାହିଁକି ଅନୁମତି ଦେଇଥିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ । ବିମାନବନ୍ଦର ସମ୍ମୁଖରେ ଥିବା ରାସ୍ତାରେ ସେରାଗୁଡା ଅଞ୍ଚଳର କେତେକ ଲୋକଙ୍କ ଜାଗାକୁ ଅଧିଗ୍ରହଣ କରାଯାଇଛି । କିନ୍ତୁ କେତେକଙ୍କୁ ଟଙ୍କା ମିଳିଛି ଓ ଅନ୍ୟମାନଙ୍କ ଟଙ୍କା ବାକି ରହିଛି । ବିମାନବନ୍ଦରରେ ଆନ୍ଧ୍ରର ଲୋକଙ୍କୁ ନିୟୋଜିତ କରାଯାଉଥିବା ବେଳେ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରାଯାଉନାହିଁ । ଫଳରେ ଆଗାମୀ ଦିନରେ ଆମର ଭିଟାମାଟି ନେଇ ଆମକୁ ପଚାରିବେ ନାହିଁ । ପ୍ରଶାସନ ସମସ୍ତଙ୍କୁ ଭୂଆଁ ବୁଲାଉଛନ୍ତି । ତେଣୁ ଆମେ କେହି ହେଲେ ଏହି ଜାଗା ଛାଡିବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଲୋକଙ୍କ ମତ ଗ୍ରହଣ କରାଯାଇଛି । ଏହାକୁ ସରକାରଙ୍କ ନିକଟକୁ ପଠାଯିବ । ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ ଓ ଥଇଥାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଉପରେ କଣ ପ୍ରଭାବ ପଡିବ ତାହା ସର୍ଭେ କରାଯିବ । ପୁଣି ଥରେ ଗ୍ରାମସଭା ହେବ ବୋଲି ଅଧିକାରୀମାନେ କହିଛନ୍ତି ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ହଟ୍ ଏୟାର ବେଲୁନ୍, କ୍ରୁଜ୍ ସେବା

**କୋରାପୁଟ,୪।୩(ଅମିତାଭ ବେହେରା)**

### ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟିର ଅନୁଦାନ

କୋରାପୁଟ ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ହଟ୍ ଏୟାର ବେଲୁନ୍ ସେବା ଓ କୋଲାବ ଜଳଭଣ୍ଡାରରେ କ୍ରୁଜ୍ ସେବା ଶୀଘ୍ର ଆରମ୍ଭ ହେବ ବୋଲି ଜିଲାପାଳ ଭି. କୀର୍ତ୍ତିଭାସନ ସୋମବାର ଧରିତ୍ରୀକୁ ସୂଚନା ଦେଇଛନ୍ତି । ଶୀତଋତୁରେ ଜିଲାରେ ହଟ୍ ଏୟାର ବେଲୁନିଂ ସେବା ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ କୋରାପୁଟ ବ୍ଲକ୍‌ର ପଣ୍ଡି ପିକ୍‌ନିକ୍ ସ୍ପଟ୍ ନିକଟରେ ଥିବା କୋଲାବ ଜଳଭଣ୍ଡାର କୂଳରେ ଅତ୍ୟାଧୁନିକ କ୍ରୁଜ୍ ସେବା ପାଇଁ ଜେଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ । ଏଥିପାଇଁ ଡିଜିସିଏ ଅନୁମୋଦନ ଓ ଅନ୍ୟାନ୍ୟ ବ୍ୟବସ୍ଥାର ଆବଶ୍ୟକତା ଥିବା ଜିଲାପାଳ କହିଛନ୍ତି । ଏ ନେଇ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ଅନୁଦାନ ଦେଇଥିବା ସେ କହିଛନ୍ତି । କୋରାପୁଟ ବ୍ଲକ୍‌ର ପଣ୍ଡିଘାଟ ଭିତ୍ତିଭୂମି ବିକାଶ ସହ ସେଠାରେ ଗାଡ଼ି ପାର୍କିଂ ସ୍ଥଳ ନିର୍ମାଣ, ସଂଗ୍ରହାଳୟ ନିର୍ମାଣ, ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ, ରାସ୍ତା, ବୋଟିଂ ଓ ଜଳକ୍ରୀଡ଼ା ଆଦି ବ୍ୟବସ୍ଥା କୋରାପୁଟ ଆଇଟିଡିଏ ଜରିଆରେ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି । ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ପ୍ରାରମ୍ଭିକ ଅଟକଳ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ପଣ୍ଡି ନିକଟରେ ଥିବା ପ୍ରାୟ ଶହେ ଏକର ଜମିକୁ ଇଡ୍‌କୋ ଜରିଆରେ ନିଆଯିବ ବୋଲି କୁହାଯାଇଛି । ସେହିପରି କୋରାପୁଟ ପଣ୍ଡି ଓ ଉମୁରି ଅଞ୍ଚଳରେ ମଧ୍ୟ ଜାତୀୟସ୍ତରୀୟ ବହୁ ହୋଟେଲ ସଂସ୍ଥା ହୋଟେଲ ନିର୍ମାଣ ନେଇ ଇଡ୍‌କୋ ଜରିଆରେ ସେହି ସଂସ୍ଥାକୁ ଜମି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ସୂଚନାଯୋଗ୍ୟ, କୋରାପୁଟ ସହରଠାରୁ ପ୍ରାୟ ୧୦ କି.ମି. ଦୂରରେ ଏହି ପଣ୍ଡି ପିକ୍‌ନିକ୍ ସ୍ପଟ୍ ରହିଛି । କୋଲାବ ଜଳଭଣ୍ଡାରର ବୃହତ୍ ଜଳରାଶିରେ ଛୋଟ ବଡ ୪ ଟାପୁ ରହିଛି । ଏହି ଟାପୁର ମଧ୍ୟ ଉନ୍ନତି କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବା ସହ ଜଳଭଣ୍ଡାରରେ ମୋଟରଚାଳିତ ଡଙ୍ଗା ଓ ଜଳକ୍ରୀଡ଼ା ବାଇକ୍ ଆଦି ବ୍ୟବସ୍ଥା କରାଯିବ । ଗତ ଡିସେମ୍ବର ପରବ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ କୁମାର ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗସ୍ତକରି ଜିଲା ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନଦେବେ ବୋଲି କହିଥିଲେ । ଏପରିକି ଉପମୁଖ୍ୟମନ୍ତ୍ରୀ ପଣ୍ଡି ପିକ୍‌ନିକ୍ ସ୍ପଟ୍ ଯାଇ ଏଠାରେ ଭିତ୍ତିଭୂମିର ବିକାଶ ସହ କ୍ରୁଜ୍ ସେବା ଆରମ୍ଭ ନେଇ ସମସ୍ତ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ ବୋଲି ଘୋଷଣା କରିଥିଲେ । ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଜିଲାପାଳ କହିଛନ୍ତି । ଜିଲାର ଦାମନଯୋଡ଼ି, କୋରାପୁଟ ଆଦି ବିଭିନ୍ନ ଅଞ୍ଚଳରେ ହଟ୍ ଏୟାର ବେଲୁନ ସେବା ପରୀକ୍ଷଣ ହୋଇଥିବା ବେଳେ ଏହା ସଫଳ ହୋଇଥିଲା । ଏହି ହଟ୍ ଏୟାର ବେଲୁନ ସେବା ଆସନ୍ତା ଶୀତଋତୁରେ ଆରମ୍ଭ ହେବା ନେଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟ କରାଯାଉଥିବା ଜିଲାପାଳ କହିଛନ୍ତି ।



ଓଏମ୍‌ପିଠାରେ ଏୟାର ବେଲୁନ୍ ଉଡ଼ାଣ ପରୀକ୍ଷା କରାଯାଉଛି ।

**ଜିଲାସ୍ତରୀୟ ନିଯୁକ୍ତି ମେଳା**

ଚିତ୍ରକୋଣ୍ଡା, (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)-ଚିତ୍ରକୋଣ୍ଡା ବ୍ଲକ ମିନି ଷ୍ଟାଡିୟମରେ ଜିଲା ପ୍ରଶାସନ ତରଫରୁ ନିଯୁକ୍ତି ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିଯୁକ୍ତି ଅଧିକାରୀ ମନସ୍ୱୀ ସେଠୀ, ଏସ୍‌ଡିଓ ଉପେନ ଦୀପ୍, ବିଏସ୍‌ଏଫ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାସ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ଜିଲା ଯୁବ ଅଧିକାରୀ ହରିଶ ଗୁପାଲ ଓ ଶଶାଙ୍କ ସୌମ୍ୟରଂଜନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବେସରକାରୀ ସଂସ୍ଥା ୧୦ ନିଯୁକ୍ତି ପତ୍ର ସୁରକ୍ଷା ହେଲ୍‌ଥ କେୟା ତରଫରୁ ଦିଆଯାଇଥିଲା। ବଣ୍ଡା ଯୁବତୀମାନଙ୍କ ଦ୍ୱାରା ପ୍ରସ୍ତୁତି ମାଳିକୁ ପ୍ରଶଂସା ସହ ସେମାନଙ୍କୁ ପ୍ରଶଂସା ପତ୍ର ସହ ୨୫ ହଜାର ଟଙ୍କା ଅର୍ଥରାଶୀ ପ୍ରଦାନ କରାଯାଇଥିଲା।

# ପ୍ରତି ବିଧାନସଭା ଅଞ୍ଚଳରେ ୧ଶହ ନଳକୂପ ଖନନ ଦାବି

**ନବରଙ୍ଗପୁରରେ 'ଦିଶା' କମିଟି ବୈଠକ**

ନବରଙ୍ଗପୁର,୪।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଏମ୍‌ପି ବଳଭଦ୍ର ମାଝିଙ୍କ ଅଧ୍ୟକ୍ଷତାରେ 'ଦିଶା' କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ, ରାଜ୍ୟସଭା ସଦସ୍ୟ ମୁଜିବୁଲ୍ଲା ଖାନ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲାପାଳ ଡ ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବ୍ଲକ୍ ଅଧ୍ୟକ୍ଷ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଓ ବୈଷୟିକ ଅଧିକାରୀ, ଦିଶା କମିଟି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀକୁ ତର୍ଜମା ଓ ସମୀକ୍ଷା କରାଯାଇଥିଲା। ଦିଶା କମିଟି



ବୈଠକରେ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ସଭ୍ୟ ଜିଲାରେ ସ୍ୱାସ୍ଥ୍ୟ ସେବା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ବ୍ଲଡ୍ ବ୍ୟାଙ୍କ, ଅଲଟ୍ରାସାଉଣ୍ଡ, ଆୟୁଷ୍ମାନ କାର୍ଡ, ଡାକ୍ତର ଓ ନର୍ସଙ୍କ ଅଭାବ,ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆନ୍ଦୋଳନ, ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଉପରେ ମତ ରଖିଥିଲେ।

ଜିଲାର ଚାଷୀମାନଙ୍କୁ ଫସଲବିମା ଯୋଜନାରେ ସାମିଲ, ମୃର୍ତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ପଞ୍ଜୀକୃତ ବିହନ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ଏମ୍‌ପି କହିଥିଲେ। ଡିଇଓଙ୍କ ବିନା ଅନୁମୋଦନରେ ଡେପୁଟେସନ ନିୟମରେ ଶିକ୍ଷକମାନଙ୍କୁ ଅନ୍ୟସ୍ଥାନକୁ ବଦଳି କରିବା ଉପରେ ଲଗାମ, ପ୍ରତ୍ୟେକ ବ୍ଲକ୍‌ରେ ପିଏମ୍ ଶ୍ରୀ ଯୋଜନା ଅନ୍ତର୍ଭୁକ୍ତ ଶିକ୍ଷା ବିଭାଗର କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷ ତଦାରଖ କରିବେ ବୋଲି କହିଥିଲେ। ଜିଲାରେ ହର୍ ଘର୍ ଜଲ୍ ଯୋଜନାରେ ସବୁ ଘରକୁ ପାନୀୟ ଜଳ ଯୋଗାଇବା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯୁବଗୋଷ୍ଠୀଙ୍କୁ ବିଭିନ୍ନ ଟ୍ରେଡ୍‌ରେ ତାଲିମ ଏବଂ ବିଭିନ୍ନ କ୍ଷେତ୍ରରେ କର୍ମ ନିଯୁକ୍ତି ଦେବାକୁ ଜିଲା କର୍ମ ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଭାରତମାଳା ପ୍ରକଳ୍ପ ଅଧିକାରୀ ଏମ୍‌ପି ଏବଂ ବିଧାୟକଙ୍କ ପଥର ପେଟିଂ ଓ ପ୍ରକଳ୍ପ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଗ୍ରୀଷ୍ମ ଋତୁରେ ପ୍ରତି ବିଧାନସଭା ଅଞ୍ଚଳରେ ଅନ୍ୟୁନ ୧୦୦ ଲେଖାଏ ନଳକୂପ ଖୋଳିବାକୁ ବିଧାୟକ ରନ୍ଧାରୀ କହିଥିଲେ। ପାପଡ଼ାହାଣ୍ଡି ତୁରି ନଦୀ ବାଇପାସ ରାସ୍ତା ନାମରେ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତାହାର ଠିକ ହିସାବ ନାହିଁ। ତେଣୁ ଭିଜିଲାନ୍ସ ତଦନ୍ତ କରିବାକୁ କୁହାଯାଇଛି। ଭାରତମାଳା ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ଜମିରୁ ବେଆଇନ ପଥର ଖନନ ହେଉଛି। ଗାଁମାନଙ୍କୁ ଯିବା ରାସ୍ତା ବନ୍ଦ କରିଦିଆଯାଉଛି। କ୍ଷତି ପୂରଣ ଦିଆଯାଉ ନାହିଁ। ପ୍ରତି ୧୦୦ ଜନସଂଖ୍ୟା ତଥା ତିନୋଟି ଆଖପାଖ ଗାଁକ କ୍ଲଷ୍ଟର ଭବେ ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ସହ ପ୍ରତ୍ୟେକ ଗାଁକୁ ଯେମିତି ପକ୍କା ରାସ୍ତା ହେବ ସେ ନେଇ ବିଧାୟକ ରନ୍ଧାରି କହିଥିଲେ। ଚନ୍ଦାହାଣ୍ଡି ବ୍ଲକ ମୋହରାରୁ ଛତିଶଗଡ଼ ସୀମା ରାସ୍ତା ନିର୍ମାଣ ଦାବି ହୋଇଛି। ୫୮୫ କିମି ଆର୍‌ଡି ରାସ୍ତା ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ଏମପି ମାଝୀ କହିଥିଲେ। ପ୍ରତି ବ୍ଲକ ସଦରରେ ଗୋଟିଏ ଲେଖାଏ ଆଇବି ନିର୍ମାଣ ପ୍ରସ୍ତାବ ଦିଆଯାଇଛି।

# ବନ୍ଧୁକ ଦେଖାଇ ୨୦ହଜାର ଲୁଟ୍

ପାପଡ଼ାହାଣ୍ଡି, ୪।୩
(ସ୍ୱପ୍ନଜିତ ପଟ୍ଟନାୟକ)



ପୋଲିସ ଜଗେଶ୍ୱର ହରିଜନଙ୍କ ବୟାନ ରେକର୍ଡ କରୁଛି ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ଜଙ୍ଗଲ ନିକଟରେ ବନ୍ଧୁକ ଦେଖାଇ ବାଇକ ଚାଳକଙ୍କଠାରୁ ୨୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ବାଇକ ଚାଳକଙ୍କୁ ଆହତ ଅବସ୍ଥାରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଅଧୀନ ବଡ଼ଭେଜା ଗ୍ରାମର ଜଗେଶ୍ୱର ହରିଜନ (୨୧) ମଙ୍ଗଳବାର ଟଙ୍କା ଉଠାଇବା ପାଇଁ ପାପଡ଼ାହାଣ୍ଡି ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌କୁ ଆସିଥିଲେ। ସେ ୨୦ ହଜାର ଟଙ୍କା ଉଠାଇଥିଲେ। ଏଟିଏମ୍ ବାହାରେ ୨ ଜଣ ଦୁର୍ବୃତ୍ତ ରହି ନଜର ରଖିଥିଲେ। ଜଗେଶ୍ୱର ଟଙ୍କା ଉଠାଇ ବାଇକ୍‌ରେ ମାଉସୀ ଘର ପଣ୍ଡିକୋଟ ଗ୍ରାମକୁ ଯିବାବେଳେ ଦୁର୍ବୃତ୍ତମାନେନ ତାଙ୍କର ପିଛା କରିଥିଲେ। ଦଳେଇଗୁଡ଼ା ଜଙ୍ଗଲ ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଏକ ଲାତ ମାରିଥିଲେ। ଜଗେଶ୍ୱର ତଳେ ପଡ଼ିଯିବାପରେ ୪ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ଛଡାଇ ନେଇ ପଳାଇଥିଲେ। ଗ୍ରାମବାସୀ ଜଗେଶ୍ୱରଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଥାନାଧିକାରୀ ଦୀପକ କୁମାର ଜେନା ପହଞ୍ଚିତଦନ୍ତ ଆରମ୍ଭ କରିଛନ୍ତି।

# ୧୨ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ଇନ୍ଦ୍ରାବତୀ ପ୍ରକଳ୍ପରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କ ଦାବିପତ୍ର**

ତେନ୍ତୁଳିଖୁଣ୍ଟି, ୪।୩(ଚିଦାନନ୍ଦ ସାହୁ)

ଇନ୍ଦ୍ରାବତୀ ଡ୍ୟାମ ସର୍କଲ ଅଧୀନରେ ଥିବା ମୁରାନଡିଭିଜନ, ପୋଡ଼ାଗଡ଼ ଡିଭିଜନ,ମେକାନିକାଲ ଡିଭିଜନ ଓ ମୁଖୀଗୁଡ଼ା ୨ ସବ ଡିଭିଜନରେ କାର୍ଯ୍ୟରତ ସମସ୍ତ ୧୬୧ ସୁରକ୍ଷା କର୍ମୀ ଏକ ଶୋଭାଯାତ୍ରାରେ ଇନ୍ଦ୍ରାବତୀ ଡ୍ୟାମ ସର୍କଲ ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଚାରି ଦଫା ଦାବିପତ୍ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନରେଶ କୁମାର ପାତ୍ରଙ୍କୁ ପ୍ରଦାନ କରି ଧାରଣାରେ ବସିବା ପାଇଁ ପ୍ରସ୍ତୁତ ହୋଇ ଥିଲେ। ଅଧିକାରୀମାନେ ସୁରକ୍ଷା କର୍ମୀଙ୍କ ସହ ଆଲୋଚନା କରିଥିଲେ। ଆଉଟ୍ ସୋର୍ସିଂ ଏଜେନ୍ସିଙ୍କୁ ଡକାଇ ସମସ୍ତ ଦାବି ସମ୍ପର୍କରେ ଆଲୋଚନା ସହ ସୁରକ୍ଷା କର୍ମୀଙ୍କ ସ୍ୱାର୍ଥ ରକ୍ଷା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନରେଶ କୁମାର ପାତ୍ର , ପୋଡ଼ଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଜନାର୍ଦ୍ଦନ




ଓଡ଼ିଶା ସିକ୍ୟୁରିଟି ଓ ସର୍ଭିସ ଏମ୍ପ୍ଲଇଜ୍ ୟୁନିୟନ ସଦସ୍ୟମାନେ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

ତହସିଲଦାର, ମେକାନିକାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ନିରଜ୍ କୁମାର ଲୋହାର, ମୁରାନ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ମେଲକମ୍ ତାଡଙ୍ଗି, ମେକାନିକାଲ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ସାହୁ ପ୍ରମୁଖ ଭାଗ ନେଇଥିଲେ। ବର୍ତ୍ତମାନର ୨ ଓ ପୁରୁଣା ଠିକା ନେଇଥିବା ଏଜେନ୍ସିକୁ ମଧ୍ୟ ୧୨ ତାରିଖରେ ଖାଡିଗୁଡ଼ା ପ୍ରକଳ୍ପ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ।

ସୂଚନାନୁଯାୟୀ, ପୁରୁଣା ସଂସ୍ଥା ସେପ୍ଟେମ୍ବରରୁ ୩ ମାସର ବକେୟା ଦରମା ଦେଇ ନ ଥିବା ସହ ଇପିଏଫ୍‌ରୁ ସୁରକ୍ଷା କର୍ମୀଙ୍କୁ ବଞ୍ଚିତ ରଖିଛି। ନୂତନ ଏଜେନ୍ସି କେବଳ ଡିସେମ୍ବର ଦରମା ଦେଇଛି। ଜାନୁଆରୀ ଫେବୃଆରୀ ଦରମା ଏଯାଏ ମିଳିନି। ଏଥିସହ ନୂଆ ଏଜେନ୍ସି ପୂର୍ବ ଦରମାରୁ ୪ ହଜାର କମ୍ ଦେଇଛି। ବକେୟା ଦରମା, ସୁରକ୍ଷା କର୍ମୀଙ୍କ ମୌଳିକ ଆବଶ୍ୟକତା, ୮ଘଣ୍ଟାର ପ୍ରକୃତ ମୂଲ୍ୟ, ଭବିଷ୍ୟ ନିଧି ପାଣ୍ଠି ନିୟମିତ ଭାବରେ ପୈଠ, ଏଜେନ୍ସି ଅଧୀନରେ ନିଯୁକ୍ତି ନକରି ସିଧାସଳଖ ପ୍ରକଳ୍ପରେ କାର୍ଯ୍ୟ କରିବା ଭଳି ଅନେକ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ୧୨ ତାରିଖରେ ଏଜେନ୍ସି /ପ୍ରକଳ୍ପ କର୍ତ୍ତୃପକ୍ଷ ସୁରକ୍ଷା କର୍ମୀଙ୍କ ଦାବୀ ପୁରଣ ରେ ହେଳା କଲେ ପ୍ରକଳ୍ପର ସମସ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ କାର୍ଯ୍ୟ ଠପ୍ କରିବାକୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଓଡ଼ିଶା ସିକ୍ୟୁରିଟି ଓ ସର୍ଭିସ ଏମ୍ପ୍ଲୟିସ ୟୁନିଅନ ଖାଡିଗୁଡ଼ା ସଭାପତି ନୀଳାମ୍ବର ପରିଛା, ଉପସଭାପତି ମନୁ ଡୁରୁକ, ସମ୍ପାଦକ ବାବୁଲା ନାୟକ, ସହ ସମ୍ପାଦକ ଲକ୍ଷ୍ମଣ ଯାନୀ ପ୍ରମୁଖଙ୍କ ସହ ସମସ୍ତ କାର୍ଯ୍ୟରତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଟାଇମାଲ ଗ୍ରାମବାସୀ

**ଜଳସଂକଟ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ମୁଖ୍ୟ ସମସ୍ୟା**

କୋରୁକୋଣ୍ଡା, ୪।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡ଼ି ପଞ୍ଚାୟତ ଅଧୀନ ଟାଇମାଲ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗାଁରେ ଜଳଠାରୁ ଆରମ୍ଭକରି ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ମୁଖ୍ୟ ସମସ୍ୟା ହୋଇ ରହିଛି। ଖରାଦିନରେ ବିଭିନ୍ନ ଅଞ୍ଚଳରେ ଲୋକେ ଭୋଗୁଛନ୍ତି ଜଳକଷ୍ଟ। ମୁଖ୍ୟ ରାସ୍ତାରୁ ଗ୍ରାମକୁ ଯିବା ପାଇଁ ନାହିଁ ପକ୍କାରାସ୍ତା, ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଭାରରେ ବୁହାହେଉଛନ୍ତି ରୋଗୀ। ପ୍ରାକ୍ ଓ ପ୍ରାଥମିକ ଶିକ୍ଷା ନିମନ୍ତେ ଗାଁଠାରୁ ଯିବାକୁ ପଡୁଛି ୩ କି.ମି.। ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ ଗୁହାରିକରି ଗ୍ରାମବାସୀ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ୨୦ରୁ ୨୫ ପରିବାରରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ।

ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମରେ ଏକ କୂଅ ଖୋଳାଯାଇ ଏକ ୫ହଜାର ଲିଟର



ଜଳ ପ୍ରକଳ୍ପ ନିକଟରେ ଏକାଠି ହୋଇଥିବା ଗ୍ରାମବାସୀ ।

ବିଶିଷ୍ଟ ପାଣିଟାଙ୍କି ବ୍ୟବସ୍ଥା କରାଯାଇ ପ୍ରତ୍ୟେକଟି ଲୋକଙ୍କ ଘରକୁ ଗୋଟିଏ ଟ୍ୟାପ୍ ଯୋଗାଇ ଦିଆଯାଇଛି। କିନ୍ତୁ ଖରାଦିନ ଆରମ୍ଭ ନ ହେଉଣୁ ଉକ୍ତ କୂଅପାଣି ଶୁଖିଗଲାଣି, ଯାହା ଦ୍ୱାରା ଗ୍ରାମରେ ଥିବା ଟାଙ୍କିକୁ ପର୍ଯ୍ୟାପ୍ତ ପାଣି ହେଉନାହିଁ। ପ୍ରାକ୍ ଶିକ୍ଷା ନିମନ୍ତେ ୧୦–୧୫ ଶିଶୁ ଓ ପ୍ରାଥମିକ ଶିକ୍ଷା ନିମନ୍ତେ ୩୦ରୁ ଊର୍ଦ୍ଧ୍ୱ ପିଲା ଗ୍ରାମରୁ ୩ କି.ମି. ଦୂରରେ ଥିବା ରାବା ଗ୍ରାମ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭର କରନ୍ତି। ଗ୍ରାମବାସୀଙ୍କ ଦାବି ଅନୁଯାୟୀ, ଏକ ମିନି ଅଙ୍ଗନୱାଡି, ପକ୍କାରାସ୍ତା ଏବଂ ଅନ୍ୟ ଗ୍ରାମ ପରି ଟାଇମାଲ୍‌ରେ ମଧ୍ୟ ଝରଣା ପାଣିକୁ ପାଇପ୍ ଯୋଗେ ଲୋକଙ୍କୁ ପିଇବା ପାଣି ଯୋଗାଇଦେବା ନିମନ୍ତେ ଗ୍ରାମ ମୁଖିଆ ମନୋ ଗୋଲୋରୀ, ୱାର୍ଡ ମେମ୍ବର ବୁଟିଆ ପାଙ୍ଗୀ, ସୁକଲ ହନ୍ତାଳ, ଆସୁ ପାଙ୍ଗୀ, ଘାସି ଖରା, ଜଗନ୍ନାଥ ହନ୍ତାଳ, ଜଗା ଗୋଲୋରି ଓ ମଙ୍ଗୁ ଗୋଲୋରିଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି ।

ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଗୁରୁଙ୍କୁ ପଚାରିବାରୁ, ଉକ୍ତ ଗ୍ରାମ ନିମନ୍ତେ ଅନ୍ୟ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ହୋଇଛି। ଖୁବ୍ ଶୀଘ୍ର ପାନୀୟଜଳ ସମସ୍ୟା ଦୂର କରାଯିବ। ଗ୍ରାମକୁ ଗମନାଗମନ ସମସ୍ୟାର ମଧ୍ୟ ଖୁବ୍ ଶୀଘ୍ର ସମାଧାନ କରାଯିବ । ପ୍ରାକ୍ ଶିକ୍ଷା ଓ ପ୍ରାଥମିକ ଶିକ୍ଷା ନିମନ୍ତେ ଗ୍ରାମରେ ତଦନ୍ତକରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ ।

# ଜନଜାତି ଜୀବିକା ମିଶନ କର୍ମଶାଳା

କୋରାପୁଟ/ଜୟପୁର, ୪।୩
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଆନୁକୂଲ୍ୟରେ ଯୁବ ଲଘୁ ଉଦ୍ୟୋଗୀ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆଇଟିଡିଏ ପକ୍ଷରୁ ୫ ବ୍ଲକର ୧୪୫ ଆଦିବାସୀ ଯୁବକଙ୍କୁ ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ଉଦ୍ୟୋଗ ପ୍ରତିଷ୍ଠା ନେଇ ଦୁଇଦିନିଆ ତାଲିମ ଦିଆଯାଇଛି। ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଜଣେ ଉଦ୍ୟୋଗୀଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ଶୀଘ୍ର ଯୋଗାଇ ଦିଆଯିବ ବୋଲି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଜୟପୁର ବ୍ଲକ୍‌ର ୩୦, ବୈପାରୀଗୁଡା ୪୦, ବୋରିଗୁମ୍ମା ୨୫, କୁନ୍ଦୁରା ୨୦ ଓ କୋଟପାଡ଼ ୩୦ଜଣ ଉଦ୍ୟୋଗୀ ତାଲିମ ନେଇଛନ୍ତି। କୁକୁଡ଼ା ଚାଷ, ଛତୁ ଚାଷ, ଟେଣ୍ଟ ହାଉସ,ଡିଟିପି



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଯୁବ ଉଦ୍ୟୋଗୀମାନେ।

ଜେରକ୍ସ,କିରାଣ ଦୋକାନ,ପ୍ରୋସେସିଂ ୟୁନିଟ୍,ଟେଲରିଂ, କୃଷି ଯନ୍ତ୍ରପାତି ଦୋକାନ, ବାଇକ୍ ମରାମତି ଦୋକାନ ଓ ଲେଡିସ୍ କର୍ଣ୍ଣର ସ୍ଥାପନ ଆଦି ପ୍ରତିଷ୍ଠା ପାଇଁ ତାଲିମ ଦିଆଯାଇଥିଲା। ଏହାଦ୍ୱାରା ଗ୍ରାମାଞ୍ଚଳରେ ଯୁବତୀ ଯୁବକମାନେ ବ୍ୟବସାୟ କରି ସ୍ୱାବଲମ୍ବୀ ହେବା ସହ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ ବୋଲି ପିଏଆଇଟିଡିଏ ନାୟକ କହିଥିଲେ। ଏଥିରେ ଉଦ୍ୟୋଗୀଙ୍କ ବ୍ୟବସାୟ ସମ୍ପର୍କିତ ପ୍ଲାନିଂ କରାଯାଇ ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ପିଏଆଇଟିଡିଏଙ୍କ ସହ ଏଡିଡବ୍ଲ୍ୟୁ ବେହେରା,ପ୍ରୋଜେକ୍ଟ ମ୍ୟାନେଜର ଦେବାଶିଷ ପଟ୍ଟନାୟକ, କେଶବ ଚନ୍ଦ୍ର ଦାସ, ସୌମ୍ୟ ରଞ୍ଜନ ସାହୁ, ଅବୟନ୍ତି ସାହୁ ଓ ଆଶିଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଗର୍ଭବତୀଙ୍କ ଚିକିତ୍ସାବସ୍ଥାରେ ମୃତ୍ୟୁ ଅଭିଯୋଗ

ଜୟପୁର,୪।୩(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅନ୍ତର୍ଗତ ହର୍ଦ୍ଧିଲି ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ମୃତକଙ୍କ ଭାଇ ଅଭି ମୁଦୁଲି କହିଛନ୍ତି ଭଉଣୀ ଗୁଲଟି ୨ ବର୍ଷ ପୂର୍ବେ ପାଲିଗୁଡା ଗ୍ରାମର ମୁରଲି ପରଜାଙ୍କୁ ପ୍ରେମ ବିବାହ କରିଥିଲେ। ସୋମବାର ହାତ ଗୋଡ ଫୁଲି ଯାଇଥିବାରୁ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କୋରାପୁଟ ଚିକିତ୍ସାଳୟକୁ ନେବାକୁ କହିଥିଲେ। କୋରାପୁଟ ଡାକ୍ତରଖାନାରେ ଚିକିତ୍ସା କରୁଥିବା ବେଳେ ମଙ୍ଗଳବାର ସକାଳୁ ଗୁଲଟିଙ୍କର ମୃତ୍ୟୁ ହୋଇଥିବା ଅଭି କହିଛନ୍ତି। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ କହିଛନ୍ତି।

# ମାନ୍ୟମକୋଣ୍ଡା ପୀଠରେ ବଡ଼ଠାକୁରଙ୍କ ସ୍ୱତନ୍ତ୍ର ପୂଜା

**ଦର୍ଶନକଲେ ପଞ୍ଚାୟତିରାଜ ମନ୍ତ୍ରୀ**

କାଳିମେଳା, ୪।୩(ଜୀବନ କୃଷ୍ଣ ଦାସ)

ପୋଲୁର ତାଡ଼କାରେ ଓ କୁଣ୍ଡରେ ସ୍ନାନକରିବା ପରେ ସିଲେରୁ ନଦୀରେ ନୌକା ବିହାରକରି ମଙ୍ଗଳବାର କାଳିମେଳା ବ୍ଲକ ମାନ୍ୟମକୋଣ୍ଡା ପୀଠରେ ପ୍ରସିଦ୍ଧ ଦେବୀ ମା' ମୁତ୍ୟାଲୁଆମ୍ମାଙ୍କ ସହ ଶ୍ରୀ ଠାକୁର କାନାମରାଜ, ବାଲରାଜ ଓ ପୋତରାଜଙ୍କ ପାଖରେ ପ୍ରଥମ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହାସହ ଠାକୁରଙ୍କ ପାଖରେ ପ୍ରଥମ ଅନ୍ତଭୋଗ ଲାଗିଛି। ଠାକୁରଙ୍କ ପ୍ରତୀକ ବାଉଁଶ ଲାଠି ଓ ମୟୂରପୁଚ୍ଛକୁ ମଧ୍ୟ ଯଥାରୀତି ଅନୁସାରେ ପୂଜାର୍ଚ୍ଚନା କରାଯାଏ। ଆଦିବାସୀ ସମ୍ପ୍ରଦାୟର ଏହି ଗଣପର୍ବ ବଡଯାତ୍ରା ଏକ ସ୍ୱତନ୍ତ୍ର ମାନ୍ୟତା ପାଇଥିବାରୁ ବିଭିନ୍ନ ଆଦିବାସୀ ଗ୍ରାମରୁ ଅନେକ ମୁଖିଆ ବା ପେଦା ମାନ୍ୟମକୋଣ୍ଡା ପୀଠରେ ଏକାଠି ହୋଇଥିଲେ। ସେମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧି ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା । କେତେଜଣ ଯୁବତୀଯୁବକଙ୍କ ଦେହରେ କାଳିଶି ଲାଗିବାରୁ ଝୁଲିଝୁଲି ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଆଦିବାସୀ ପାରମ୍ପରିକ ନୃତ୍ୟ ସହ ଶିଙ୍ଘ ନୃତ୍ୟ ଭକ୍ତଙ୍କୁ ବେଶ୍ ଆକର୍ଷିତ କରିଥିଲା। ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ମିଳିଥିଲା ବିମାନ ଉପରେ ବସିଥିବା କିଛି ପାରା। ଏହି ପାରା ପୋଲୁର ନିକଟରୁ ବିମାନରେ ବସି ମାନ୍ୟମକୋଣ୍ଡାରେ ପହଞ୍ଚିଥିଲେ । ଯେତେ ଶବ୍ଦ ହେଲେ ମଧ୍ୟ କେଉଁଆଡ଼େ ଯାଇ ନ ଥାନ୍ତି। ଏହା ଠାକୁରଙ୍କ ମହିମା ବୋଲି ବିଶ୍ୱାସ ରହିଛି। ମାନସିକ ପୂରଣ ପାଇଁ ବହୁସଂଖ୍ୟାରେ କୁକୁଡ଼ା, ଛେଳି ବଳି ଦେଇ ପୂଜା କରୁଥିବା ଦେଖିବାକୁ ମିଳିଛି। ବୁଧବାର ପୂର୍ବାହ୍ନ ୧୦ଟାରେ ୩ଠାକୁର ମାନ୍ୟମକୋଣ୍ଡା ଛାଡି କାଳିମେଳା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । କାଳିମେଳା ପୂର୍ବରୁ ବୁଡୁଗୁଡ଼ାରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବଦେବୀ ପୂଜା ପାଇବା ପରେ ବୁଧବାର ରାତିରେ କାଳିମେଳାରେ ଥିବା ମଣ୍ଡପରେ ରାତ୍ରିଯାପନ କରିବେ। ପୂଜା ଦେଖିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମାନ୍ୟମକୋଣ୍ଡାରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରୀଙ୍କ ସହ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଜିଲା ସଭାପତି ଅଶୋକ କୁମାର ପରିଡ଼ା, କାଳୀରାମ ମାଝୀ, ନିମାଇଁ ଚନ୍ଦ୍ର ପାଲ, ମାଣିକଲାଲ ଚକ୍ରବର୍ତ୍ତୀ, ସଞ୍ଜୟ ସରକାର, ଭବାନୀ ଶଙ୍କର ମୁଖାର୍ଜୀ, ଦ୍ରୌପଦୀ ପଟ୍ଟନାୟକ, ହରବିଳାସ ମଣ୍ଡଳ, ଜୟନ୍ତ ମଜୁମଦାର, ବଜା ମାଡ଼କାମି, ସପନ ରାୟ, ରୱାଲ ଟଓ୍ୱାରି ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟସେବାରେ ସୁଧାର ନ ଆସିଲେ ୨୦ରେ ଜିଲା ବନ୍ଦ

ନବରଙ୍ଗପୁର,୪।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥା ନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମପି ତଥା ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀ କରାଯାଇଛି। ଛଟେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାର୍ଯ୍ୟରେ ପୁନଃ ଅବସ୍ଥାପିତ, ଡାକ୍ତର ନିଯୁକ୍ତି ଦିଆ ନ ଗଲେ ୨୦ରେ ନବରଙ୍ଗପୁର ଜିଲା ବନ୍ଦ କରାଯିବ ବୋଲି କୁହାଯାଇଛି।

ଖବରଦାତା ସମ୍ମିଳନୀରେ ରାଜ୍ୟସଭା ସଦସ୍ୟ ମୁଜୀବୁଲ୍ଲା ଖାନ୍ କହିଥିଲେ ଭାଜପା ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ନାମ ପରିବର୍ତ୍ତନ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ ସେବା କାର୍ଡ ଅନେକ ଡାକ୍ତରଖାନାରେ କାର୍ଯ୍ୟ କରୁନି। ଜିଲାର ୩୭ ଜଣ ପାରାମେଡିକାଲ କର୍ମଚାରୀଙ୍କୁ ଛଟେଇ କରିବା ବିଡମ୍ବନାର ବିଷୟ। ଡାକ୍ତର ଓ ବିଶେଷଜ୍ଞ ଅଭାବ ଥିବା ଜିଲାରେ ଛଟେଇ କରାଯିବା ଫଳରେ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ନବରଙ୍ଗପୁର ଜିଲାରେ ୫୮ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି । ୩୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୁରାବେଡା, ଇଚ୍ଛାପୁର, ବଦଆମ୍ବଦା ଓ ଜଗନାଥପୁରରେ ଡାକ୍ତର, ଫର୍ମାସିଷ୍ଟ, ଷ୍ଟାଫ ନର୍ସ କେହି ନାହାନ୍ତି। ପୂର୍ବତନ ଏମପି ପ୍ରଦୀପ ମାଝୀ କହିଛନ୍ତି ଭାଜପା ସରକାର ଆସିବା ପରେ ଲୋକେ ସ୍ୱାସ୍ଥ୍ୟସେବା ପାଇବାରେ ହଇରାଣ ହେଉଛନ୍ତି। ଜିଲାରେ ଅସ୍ଥିଶଲ୍ୟ ଡାକ୍ତର ନାହାନ୍ତି। ୧୦୦ ଷ୍ଟାଫ ନର୍ସ, ୫୯ ଫାର୍ମାସିଷ୍ଟ ପଦବୀ ଖାଲି ପଡ଼ିଛି। ଘରୋଇ ସଂସ୍ଥା ମାଧ୍ୟମରେ ନିଯୁକ୍ତି ନାମରେ ୭୦ ଲକ୍ଷ ଟଙ୍କା ଆଦାୟ କରାଯାଇ ନିଯୁକ୍ତି ଓ ପରବର୍ତ୍ତୀ ସମୟରେ ଛଟେଇ କରାଯାଇଛି। ଉକ୍ତ ଅର୍ଥ ଫେରସ୍ତ ଦାବି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ରେଫେରାଲ ସେଣ୍ଟର ପାଲଟି ଥିବା ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ କହିଛନ୍ତି। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟ ଜିଲାରେ ରହୁନାହିଁ ବୋଲି ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀ କହିଥିଲେ। କଂଗ୍ରେସ ରାଜ୍ୟ ଉପସଭାପତି ମୁନା ତ୍ରିପାଠୀ କହିଥିଲେ ଯେ ଜିଲାରେ ୪୮ଟି ଆମ୍ବୁଲାନ୍ସ ଅଚଳ ହୋଇ ପଡିରହିଛି। ବାୟୁ ସ୍ୱାସ୍ଥ୍ୟସେବା ବନ୍ଦ କରି ଦିଆଗଲା। ଅବିଭକ୍ତ କୋରାପୁର ଜିଲାରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ହେଲିକପ୍ଟର ବ୍ୟବସ୍ଥା ଓ ଅବିଭକ୍ତ କୋରାପୁଟ ଜିଲାରେ ୪ଟି ହେଲିପ୍ୟାଡ୍ ସ୍ଥାପନ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ମହିଳା ବିଜେଡି ସଭାନେତ୍ରୀ ମଞ୍ଜୁଲା ମାଝୀ, ସିରାଜଉଦ୍ଦିନ ଅହମ୍ମଦ, ବିଜେଡି ଉପସଭାପତି ସରୋଜ ପାତ୍ର, ନଗର ସଭାପତି ପ୍ରମୋଦ ରଥ, ଜଗନ୍ନାଥ ବାଘେ, ଅନୁସୂଚିତ ଜାତି ପରିସଂଘ ସଭାପତି ଭଗବାନ ବୈରାଗୀ, ଅବଦୁଲ ଫିରୋଜ, କୁନା ପାଢ଼ି, ଅଖିଳ ଭତ୍ରା, ସୁମିତ ପାଳ, ରାଜେଶ୍ୱ ଜାନୀ, ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ନବଜୀବନ ମନ୍ଦାର, ଉତ୍ତମ ତ୍ରିପାଠୀ, ଲଳିତ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବିଭିନ୍ନ ଦଳର ନେତା ଓ ସଙ୍ଗଠନ ନେତୃବୃନ୍ଦ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ଼, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨** ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ଓ୍ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ଓ୍ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢ଼େଙ୍କାନାଳ ସଦର (ନଂ. ୩), ଥାନା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଘେରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢ଼େଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଘେରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

**ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।**

**ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ**

**ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ**

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ:
https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

